## ସଂକ୍ଷେପରେ

### ଖୁଣ୍ଟେଶ୍ୱରୀ ପାହାଡ଼ରେ ପର୍ଯ୍ୟଟକଙ୍କ ଭିଡ଼

**ସୋରଡ଼ା,୯।୧(ଡି.ଏନ.ଏ.)**-ସୋରଡ଼ା ବୃହତ ଜଳଭଣ୍ଡାରକୁ ଲାଗି ରହିଥିବା ଖୁଣ୍ଟେଶ୍ୱରୀ ପାହାଡ଼ ଉପରକୁ ପକ୍କା ରାସ୍ତା ନିର୍ମାଣ ହୋଇଥିବା ବେଳେ କଲ୍ୟାଣ ମଣ୍ଡପ, ଫୁଲଗଛ, ସୁନ୍ଦର କାରୁକାର୍ଯ୍ୟ ହୋଇଯାଇଛି। ନିକଟରେ ରହିଛି ଶିଶୁ ଉଦ୍ୟାନ। ଚଳିତ ଦିନରେ ସେଠାକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶହ ଶହ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପାନୀୟ ଜଳ, ଶୌଚାଳୟ, ବିଶ୍ରାମସ୍ଥାନ ମଧ ସମସ୍ତଙ୍କ ପାଇଁ ଖୋଲା ରହିଛି। ସବୁଆଡ଼େ ପିକନିକ୍ ଚାଲିଥିବା ବେଳେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ନିଜ ସମ୍ପର୍କୀୟ, ସମର୍ଥକଙ୍କ ସହ ପହଞ୍ଚିଥିଲେ। ନିକଟରେ ପୁଅମାନଙ୍କୁ ରୋଷେଇ ଜାଣିବାର ଆବଶ୍ୟକତାକୁ ଚର୍ଚ୍ଚା ଚାଲିଥିବା ବେଳେ ବିଧାୟକ ଖୋଦ୍ ରୋଷେଇ କରିବା, ପରଷିବା ଉପରେ ସିଦ୍ଧହସ୍ତ ଥିବା ଦେଖିବାକୁ ମିଳିଥିଲା। କେବଳ ମହିଳା ନୁହେଁ ପୁରୁଷମାନେ ମଧ ରୋଷେଇ କଳା ଜାଣିବାର ଆବଶ୍ୟକତାକୁ ସମାଜରେ ଦରକାର ବୋଲି ଏହା ସୂଚାଉଛି।

### ଶିକ୍ଷା ବିଭାଗ ପକ୍ଷରୁ ସମୀକ୍ଷା ବୈଠକ

**ଦିଗପହଣ୍ଡି,୯।୧(ଡି.ଏନ.ଏ.)**-ଦିଗପହଣ୍ଡି ବ୍ଲକ ଶିକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ମଙ୍ଗଳବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ସ୍ଥାନୀୟ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହଳଧର ଶବର ଅଧକ୍ଷତା କରିଥିଲେ। ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟର ସମସ୍ୟା ଉପରେ ଆଲୋଚନା କରାଯାଇ ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ପାଣି ବୋତଲ ଯୋଗାଇ ଦେବାକୁ ନିଷ୍ପତ୍ତି ନିଆଯାଇଥିଲା। ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ରବା ପାଇକ, ରସାନନ୍ଦ ଘଡେଇ, ବୈଷୟିକ ପରାମର୍ଶଦାତା ସୁବ୍ରତ ନାରାୟଣ ମହାରଣାଙ୍କ ସମେତ ୧୬ଟି କ୍ଲଷ୍ଟରର ସମସ୍ତ ଗୋଷ୍ଠୀ ସାଧନ କର୍ମୀ ଉପସ୍ଥିତ ଥିଲେ।

### କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ
### ଏସ୍‌ଏମ୍ ଟାଇଗର ଚାମ୍ପିୟନ

**କବିସୂର୍ଯ୍ୟନଗର,୯।୧**-ଗତ ଡିସେମ୍ବର ୨୦ ତାରିଖରେ ଆରମ୍ଭ ହୋଇଥିବା ରଘୁନାଥ ମହାନ୍ତି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ମ୍ୟାଚ ଶୁଭାରମ୍ଭ କରିଥିଲେ। ଟସ୍ ଜିତି ପ୍ରଥମେ ସ୍ଥାନୀୟ ଏସ୍‌ଏମ୍ ଟାଇଗର କବିସୂର୍ଯ୍ୟନଗର ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୪୩ ରନ କରିଥିଲା। ଜବାବ୍‌ରେ ଭାଟପଡ଼ା ଟିମ ସମସ୍ତ ଉଇକେଟ ହରାଇ ୧୦୦ ରନ କରି ପରାଜିତ ହୋଇଥିଲା। ଚନ୍ଦନ ଜେନା ଓ ରାଜେନ୍ଦ୍ର ନାହାକ ମ୍ୟାଚ୍ ପରିଚାଳନା କରିଥିଲେ। ବିଜେତା ଏସ୍‌ଏମ ଟାଇଗରକୁ ଟ୍ରଫି ସହ ୧୦ ହଜାର ଓ ରନର ଭାଟପଡ଼ାକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅତିଥି ଭାବେ ମନୋରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ମୁନା ସ୍ୱାଇଁ, ଦିଲୀପ ସାହୁ, ବ୍ରହ୍ମାନନ୍ଦ ଆଚାରୀ, ସୁଶାନ୍ତ ସ୍ୱାଇଁ, କାହ୍ନୁ ମହାନ୍ତି ଯୋଗ ଦେଇଥିଲେ।

### ସଡ଼କ ସୁରକ୍ଷା ସପ୍ତାହ ପାଳନ ପ୍ରସ୍ତୁତି ବୈଠକ

**ଭଞ୍ଜନଗର,୯।୧(ଡି.ଏନ.ଏ)**-ଆସନ୍ତା ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ସଚେତନତା ସପ୍ତାହ ପାଳନ କରାଯିବ। ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ଆର୍‌ଟିଓ ଶୁଭେନ୍ଦୁ ରୟଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା ସପ୍ତାହ ପାଳନ ବେଳେ ଲୋକଙ୍କୁ ନୂଆ ସଡ଼କ ଆଇନ ଉପରେ ଅଧିକ ସଚେତନ କରାଯିବ। ୧୧ ତାରିଖ ସକାଳ ୯ଟାରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଏକ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିବେ । ୧୨ରେ କେଏସ୍‌ୟୁବି କଲେଜରୁ ଅଟୋ ଆସୋସିଏଶନ ପକ୍ଷରୁ ଏକ ବିରାଟ ସଚେତନତା ରାଲି ବେଲଗୁଣ୍ଠା ପର୍ଯ୍ୟନ୍ତ ଯିବ । ୧୩ରେ କ୍ଷତ୍ରିୟବରପୁର କଲେଜ, ୧୪ରେ ଜଗନ୍ନାଥପ୍ରସାଦ କଲେଜ, ୧୫ରେ କୋକଲବା ହାଇସ୍କୁଲ, ୧୬ରେ ଆସିକା ବିଜୁ ପଟ୍ଟନାୟକ ଛକରୁ ଏକ ରାଲି ବାହାରିବା କାର୍ଯ୍ୟକ୍ରମ ରହିଛି। ୧୭ରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ବୋଲି ସୂଚନା ମିଳିଛି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶୂଳପାଣି ଶତପଥୀ, ଉପେନ୍ଦ୍ର ଭଞ୍ଜ ଅଟୋ ସଂଘର ସଭାପତି ଭୋଳାନାଥ ସ୍ୱାଇଁ, ବିଚିତ୍ର ପାଣିଗ୍ରାହୀ, ପ୍ରମୋଦ କୁମାର ସ୍ୱାଇଁ, ପ୍ରତାପ କୁମାର ବିଷୋୟୀ, ଚିଦାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ପାନୀୟ ଜଳ ପ୍ରକଳ୍ପ ଅଚଳ, ଅସୁବିଧା ଭୋଗୁଛନ୍ତି ଲୋକେ

**ପାତ୍ରପୁର,୯।୧(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକ ଗୁଣ୍ଡ୍ରା ପଞ୍ଚାୟତ ସଦର ମହକୁମାରେ ୧୦ ବର୍ଷ ତଳେ ୧୦ ଲକ୍ଷ ଟଙ୍କା ବ୍ୟୟରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଗୁଣ୍ଡ୍ରା ସମେତ ସାରଥିଚରଣପୁର ଓ କୃଷ୍ଣଚରଣପୁର ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ପରିବାର ପ୍ରାୟ ୨୫ଶହ ଲୋକଙ୍କ ନିମନ୍ତେ ଏହି ପ୍ରକଳ୍ପ ହୋଇଥିଲେ ମଧ ଗ୍ରାମବାସୀଙ୍କୁ ଟୋପାଏ ପାଣି ମିଳୁନି । ନିର୍ମାଣ ପରଠାରୁ ଓଭରହେଡ ଟାଙ୍କିକୁ ପାଣି ଯାଇନି। ଅଚଳ ପ୍ରକଳ୍ପ ସଜାଡ଼ିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ସମସ୍ୟା ସୁଧୁରୁନି।

ଉପରୋକ୍ତ ୩ ଗ୍ରାମରେ ପାନୀୟ ଜଳ ଯୋଗାଣ ନିମନ୍ତେ ନିର୍ମିତ ଏହି ପ୍ରକଳ୍ପକୁ ୨୦୦୯ରେ ତତ୍କାଳୀନ ବ୍ରହ୍ମପୁର ଏମ୍‌ପି ସିଦ୍ଧାନ୍ତ ମହାପାତ୍ର ଓ ସ୍ଥାନୀୟ ବିଧାୟିକା ଉଷାଦେବୀ ଉଦ୍‌ଘାଟନ କରିଥିଲେ। ଲୋକଙ୍କ ସୁବିଧା ପାଇଁ ପ୍ରାୟ ୧୫ଟି ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇଥିଲା।


ଅଚଳ ପଡିଥିବା ପାଣିଟାଙ୍କି।

ହେଲେ ଟାଙ୍କିକୁ ପାଣି ଯାଉ ନ ଥିଲା । ସୁଇଚ ଟିପିଲେ ପମ୍ପ ହାଉସରୁ ପାଣି ସିଧା ଷ୍ଟାଣ୍ଡପୋଷ୍ଟକୁ ଯାଉଥିଲା । ବର୍ତ୍ତମାନ ସେତିକି ବି ନାହିଁ । ଗତ ୨ ମାସହେଲା ପ୍ରକଳ୍ପ ଅଚଳ ପଡ଼ିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅଭିଯୋଗ କଲେ ପ୍ରତିଦିନ ସକାଳେ ମରାମତି କରାଯାଉଥିବା ବେଳେ ରାତିରେ ତାହା ଭାଙ୍ଗି ଯାଉଛି । ଏଥିରେ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି । ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆଯାଉ ନଥିବା ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ପାଣି ଟାଙ୍କି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ କେତେବେଳେ ବି କୌଣସି ଦୁର୍ଘଟଣା ଘଟିଲେ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଭାଜପା ଯୁବ ନେତା ମନୋରଞ୍ଜନ ଦ୍ୟାନ ସାମନ୍ତରା ପ୍ରକାଶ କରଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ରିତେଶ ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ପ୍ରକଳ୍ପ ସଜାଡ଼ିବାରେ କୌଣସି ଟଙ୍କା ଖର୍ଚ୍ଚ ହୋଇ ନ ଥିବା ଦର୍ଶାଇଥିଲେ। ଖୁବଶୀଘ୍ର ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ମରଣାନ୍ତକ ଆକ୍ରମଣ ଘଟଣା, ୩ ଗିରଫ

**ବେଗୁନିଆପଡ଼ା,୯।୧(ଡି.ଏନ.ଏ.)**

ବେଗୁନିଆପଡ଼ା ଫାଣ୍ଡି କୁମ୍ଭାରଗାଁ ପଞ୍ଚାୟତ ତାଳଗାଁରେ ମରଣାନ୍ତକ ଆକ୍ରମଣ ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏ ନେଇ ଜିତେନ୍ଦ୍ର କୁମାର ବେହେରା ଫାଣ୍ଡିରେ ଏତଲା ଦେଇଛନ୍ତି। ଏତଲା ପ୍ରକାରେ ବୁଧବାର ଏହି ଗ୍ରାମର ଜିତେନ୍ଦ୍ର କୁମାର ବେହେରା ଦାଣ୍ଡରେ ନିଆଁ ଜାଳି ସେକି ହେଉଥିବା ବେଳେ ଗ୍ରାମର ମିଟୁ ବେହେରା ହଠାତ ଆସି ଗାଳିଗୁଲଜ କରିବା ସହ ମୋ ବିଷୟରେ କାହିଁକି କଥା ହେଉଛ ବୋଲି କହି ଆକ୍ରମଣ କରିଥିଲେ। ଏହି ସମୟରେ ମିଟୁଙ୍କ ଭାଇ ସନ୍ତୋଷ ଓ ତାଙ୍କ ବାପା ହୀନ ମିଶି ଜିତେନ୍ଦ୍ର ଓ ତାଙ୍କ ବାପା ଭିକାରୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ଗୁରୁତର ଅବସ୍ଥାରେ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଗୁରୁବାର ଫାଣ୍ଡିରେ ଏତଲା ଦେଇଥିଲେ। ପୋଲିସ ଏ ନେଇ କୋଦଳା ଥାନାରେ ନଂ.୭/୨୦ରେ ମାମଲା ରୁଜୁ କରି ଉକ୍ତ ୩ ଜଣଙ୍କୁ ଗିରଫ କରିଛି। ଏମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ।

# ଲୋକଙ୍କୁ ସଚେତନ କଲା ଆର୍‌ପିଏଫ୍

**ଛତ୍ରପୁର,୯।୧(ଡି.ଏନ.ଏ)**

ଗଞ୍ଜାମ ଷ୍ଟେଶନ ଓ ସହରରେ ଛତ୍ରପୁର ଆର୍‌ପିଏଫ୍ ଆଉଟପୋଷ୍ଟ ପକ୍ଷରୁ ଯାତ୍ରୀ ଓ ଲୋକଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି। ଟ୍ରେନ୍‌ରେ ଯାତ୍ରାବେଳେ ୧୮୨ ସୁରକ୍ଷା ହେଲ୍‌ପ ଲାଇନ୍ ସମ୍ପର୍କରେ ଯାତ୍ରୀ ଓ ଲୋକଙ୍କୁ ଅବଗତ କରାଯାଇଥିଲା। କୌଣସି ଦୁର୍ଘଟଣା ଆଶଙ୍କା ଥିଲେ ଉକ୍ତ ନମ୍ବରକୁ ଫୋନ୍ କରିବାକୁ ପରାମର୍ଶ ଦିଆଯାଇଛି। ଆର୍‌ପିଏଫ୍ ତୁରନ୍ତ ଯାତ୍ରୀଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇ ଦେବ। ବିଭିନ୍ନ ସମୟରେ ଟ୍ରେନ୍‌କୁ ପିଲାମାନେ ପଥର ଫିଙ୍ଗୁଛନ୍ତି। ଏଥିରେ ଯାତ୍ରୀ ଆହତ ହେଉଛନ୍ତି। ଏପରି ନ କରିବାକୁ ଆର୍‌ପିଏଫ୍ ପକ୍ଷରୁ ସଚେତନ କରାଯାଇଛି। ଏଥିସହ ମହିଳା ଯାତ୍ରୀଙ୍କ ସୁରକ୍ଷା ନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା କୁହାଯାଇଥିଲା। ଆବଶ୍ୟକ ନ ହେଲେ ଚେନ୍ ପୁଲିଂ ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିରେ ଛତ୍ରପୁର ଆର୍‌ପିଏଫ୍ ଆଉଟପୋଷ୍ଟର ଏସଆଇ ଏଲ. ବି. ସିଂ, ଏଏସଆଇ ଏସ. ଏ. ପାତ୍ରଙ୍କ ସମେତ ଷ୍ଟାଫ୍ ସାମିଲ ଥିଲେ।

# କବିସୂର୍ଯ୍ୟ ବଳଦେବ ଚାଷୀ, କୃଷକ ସଂଘ ବୈଠକ

**କବିସୂର୍ଯ୍ୟନଗର,୯।୧**

କବିସୂର୍ଯ୍ୟନଗର ହନୁମାନ ମନ୍ଦିର ପ୍ରାଙ୍ଗଣରେ କବିସୂର୍ଯ୍ୟ ବଳଦେବ ଚାଷୀ ଓ କୃଷକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସମ୍ପାଦକ ଇ. ମାହେଶ୍ୱରୀ ଦୋରାଙ୍କ ଆବାହକତ୍ୱରେ ବୈଠକରେ ବନ୍ୟଜନ୍ତୁଙ୍କ ସୁରକ୍ଷା, ଚାଷୀ ଋଣ, ରବି ଫସଲ ପାଇଁ ବିହନ ଯୋଗାଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଶତାଧିକ ଚାଷୀ ଏନ୍‌ଏସି ପରିକ୍ରମା କରିବା ସହ କବିସୂର୍ଯ୍ୟ ସୋସାଇଟି କାର୍ଯ୍ୟାଳୟ ଘେରାଉ କରିଥିଲେ। ଅଣଚାଷୀ ପରିବର୍ତ୍ତେ ପ୍ରକୃତ ଚାଷୀଙ୍କୁ ସାର, କୃଷିଋଣ ଦେବାକୁ ଦାବି କରିବା ସହ ଅଭିଯୋଗ ପତ୍ର ଦେଇଥିଲେ। ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ଉପସଭାପତି ଯୋଗୀନ୍ଦ୍ର ଗୌଡ଼, ବ୍ଲକ ସଂଗଠକ ଗଣେଶ ନାହାକ, ଯୋଗୀ ଜେନାଙ୍କ ସମେତ ସିଆଳିଆ, ଗଙ୍ଗାପୁର, ନନ୍ଦିଆପଡ଼ା ଆଦି ପଞ୍ଚାୟତର ଶତାଧିକ ଚାଷୀ ଯୋଗ ଦେଇଥିଲେ।


ଉପସ୍ଥିତ ସଂଘ ସଦସ୍ୟ ଓ ଚାଷୀ।

# ନିଶାସକ୍ତ ବାଇକ୍ ଚାଳକଙ୍କୁ କୋର୍ଟଚାଲାଣ

**ବୁଗୁଡ଼ା,୯।୧(ଡି.ଏନ.ଏ.)**

ବୁଗୁଡ଼ା ଥାନା ଅନ୍ତର୍ଗତ ପାଙ୍ଗିଡ଼ି ଛକରେ ବୁଧବାର ରାତି ପ୍ରାୟ ୮ଟାରେ ବୁଗୁଡ଼ା ପୋଲିସ ଜଣେ ନିଶାସକ୍ତ ବାଇକ୍ ଚାଳକଙ୍କୁ ଧରିବା ପରେ ତାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ସେ ହେଲେ ବୁଗୁଡ଼ା ଥାନା ବେଲପୁର ଗ୍ରାମର ପୂର୍ଣ୍ଣ ନାୟକ। ଏନେଇ ଥାନାରେ ନନ ଏଫଆଇଆର ନଂ ୩/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ବୁଗୁଡ଼ା ପୋଲିସ ଯାନବାହନ ଧରପଗଡ଼ ବେଳେ ପାଙ୍ଗିଡ଼ି ଛକରେ ପୂର୍ଣ୍ଣଙ୍କୁ ବ୍ରେଥ ଆନାଲାଇଜର ମାଧ୍ୟମରେ ପରୀକ୍ଷା କରିବା ବେଳେ ସେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା।

# ବିଜେଡି କର୍ମୀଙ୍କ ବୈଠକ

**ଛତ୍ରପୁର,୯।୧(ଡି.ଏନ.ଏ)**–ଛତ୍ରପୁରବ୍ଲକଭିକାରିପଲ୍ଲୀପଞ୍ଚାୟତରବିଜେଡିକର୍ମୀମାନଙ୍କର ଏକ ବୈଠକ ବୁଧବାର ରାମଚଣ୍ଡୀ ପୀଠଠାରେ ଅନୁଷ୍ଠିତ ହୋଇଥିଲା। ସଭାପତି ରୂପେ ବିଭୂତି ପ୍ରସାଦ ସୁବୁଦ୍ଧି ଓ ପଞ୍ଚାୟତ ସଙ୍ଗଠନ ସଭାପତି ଭାବେ ଜଗନ୍ନାଥ ପାତ୍ରଙ୍କୁ ଚୟନ କରାଯାଇଥିଲା। ସଭାରେ ସରପଞ୍ଚ ଧବଳେଶ୍ୱର ପ୍ରଧାନ, ସମିତିସଭ୍ୟ ଭାଗୀରଥି ପ୍ରଧାନ, ବାନାମ୍ବର ପାତ୍ର, ଶଙ୍କର ଦାସ, କାଳିଚରଣ ମିଶ୍ର, ଶଶିଧର ପଣ୍ଡା, ପ୍ରବାସୀ ବେହେରା, ଅଲେଖ ବେହେରା, ବାବୁଲା ଦାସ, ପ୍ରତାପ ଗୌଡ, ନରସିଂହ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଫାସି ପଞ୍ଚାୟତରେ ଖେଳ ପଡ଼ିଆ ନିର୍ମାଣ ଦାବି

**କୋଦଳା,୯।୧(ଡି.ଏନ.ଏ.)**

ବେଗୁନିଆପଡା ବ୍ଲକ ଫାସି ପଞ୍ଚାୟତରେ ଖେଳପଡିଆ ନିର୍ମାଣ ଦାବିରେ ଯୁବକ ସଂଘର ସଭ୍ୟମାନେ ବୁଧବାର ସରପଞ୍ଚ ନବୀନ କୁମାର ଦଳେଇଙ୍କୁ ଘେରି ଥିଲେ।

ବ୍ଲକର ପ୍ରାୟ ପଞ୍ଚାୟତରେ ସରକାରଙ୍କ ତରଫରୁ ଖେଳପଡିଆ ନିର୍ମାଣ କରାଯାଇଥିଲେ ସୁଦ୍ଧା ଫାସି ପଞ୍ଚାୟତକୁ ୨୦୧୭/୧୮, ୨୦୧୮/୧୯ରେ ଅନୁଦାନ ଆସିଥିଲା। କିନ୍ତୁ ରାଜନୈତିକ ଛକାପଞ୍ଝା ଓ ଗ୍ରାମସେବକ ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁ ଅନୁଦାନ ଫେରିଯାଇଥିଲା। ଏହା ଶୁଣିବା ପରେ ଫାସି ପଞ୍ଚାୟତର ଯୁବକ ସଂଘ ଓ ଗ୍ରାମବାସୀ ପଞ୍ଚାୟତ କାର୍ଯାଳୟର ଆଗରେ ଥିବା ମୁଖ୍ୟ ରାସ୍ତାକୁ କାଠ ଓ ଟାୟାର ଜାଳି ଅବରୋଧ କରିବା ସହ ସରପଞ୍ଚଙ୍କୁ ଘେରାଉ କରିଥିଲେ। ଏ ନେଇ ସରପଞ୍ଚ କହିଥିଲେ, ଯେ ତତ୍କାଳୀନ ଜିଆର୍‌ଏସ ଓ କନିଷ୍ଠ ଯନ୍ତ୍ରୀ ଜାଣି କାର୍ଯ୍ୟ କରାଇ ଦେଇନଥିଲେ ଏବଂ ସମୟ ସରିଯାଇଥିବା କହି ଅନୁଦାନକୁ ଫେରସ୍ତ କରିଦେଇଥିଲେ। ଏମିତି ଲଗାତର ଦୁଇବର୍ଷରେ ୧୧ ଲକ୍ଷ ଟଙ୍କା ଫେରସ୍ତ କରଯାଇଥିଲା। କିନ୍ତୁ ଚଳିତ ବର୍ଷ ଖେଳପଡ଼ିଆ କାର୍ଯ୍ୟ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା।

■ ଦିଗପହଣ୍ଡିରେ ମଲ୍ଟି ଡିସିପ୍ଲିନାରି ସ୍କ୍ୱାଡ୍ ବୈଠକ

# ଫୋକସ୍‌ରେ ସଡକ ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ

**ଦିଗପହଣ୍ଡି,୯।୧(ଡି.ଏନ୍.ଏ.)**

ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟରେ ଗୁରୁବାର ସ୍ଥାନୀୟ ପୋଲିସ–ପ୍ରଶାସନ ପକ୍ଷରୁ ଗଠିତ ମଲ୍ଟି ଡିସିପ୍ଲିନାରି ସ୍କ୍ୱାଡ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ନୂତନ ଟ୍ରାଫିକ ଆଇନକୁ କଡ଼ାକଡ଼ି ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରତିଦିନ ପୋଲିସ ପକ୍ଷରୁ ହେଲମେଟ ଚେକିଂ ସହ ପେଟ୍ରୋଲ ପମ୍ପ ଗୁଡିକରେ ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ନୋ ହେଲ୍‌ମେଟ ନୋ ପେଟ୍ରୋଲ ଆଇନକୁ କାର୍ଯ୍ୟକାରୀ କରାଯିବା ପାଇଁ ପଦକ୍ଷେପ ନେବାକୁ ତହସିଲଦାର ଉପସ୍ଥିତ ପୋଲିସ ଓ ପ୍ରଶାସନିକ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ମାନଙ୍କରେ ଛାତ୍ରୀଛାତ୍ରମାନଙ୍କୁ ସଡ଼କ ସୁରକ୍ଷା, ହେଲମେଟ ପରିଧାନ ଓ ଟ୍ରାଫିକ ଆଇନ ସମ୍ପର୍କରେ ବ୍ୟାପକ ସଚେତନତା କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ଦିଗପହଣ୍ଡି ପୂର୍ତ୍ତ ବିଭାଗ ଉପ ନିର୍ବାହୀ ଯନ୍ତ୍ରୀ ଇଂ. ସୋମନାଥ ହୋତା, ଜାତୀୟ ରାଜପଥ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ. ବିଦ୍ୟାବାସିନି ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଳା ମାଝୀଙ୍କ ସମେତ ବନବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ବୃନ୍ଦ ବୈଠକରେ ଉପସ୍ଥିତ ଥିଲେ। ପରେ ସମସ୍ତ ଟିମ ସଦସ୍ୟ ସ୍ଥାନୀୟ ଖେମୁଣ୍ଡି କଲେଜରେ ପହଞ୍ଚି ଅଧାପିକା ଅଧାପକ ଓ କର୍ମଚାରୀଙ୍କ ଉପସ୍ଥାନ ଖାତା ଯାଞ୍ଚ କରିଥିଲେ। ପରେ ଅଧକ୍ଷା ପ୍ରଣତି ପାତ୍ରଙ୍କ ସହ ଆଲୋଚନା କରି ବିନା ଡିଏଲ୍ ଓ ହେଲମେଟରେ ବାଇକ ନେଇ କଲେଜକୁ ଆସୁଥିବା ଛାତ୍ରୀଛାତ୍ର, ଅଧାପିକା ଅଧାପକ ଓ କର୍ମଚାରୀଙ୍କ ବାଇକ ଗୁଡ଼ିକୁ କଲେଜ ଭିତରକୁ ପ୍ରବେଶ ପାଇଁ ଅନୁମତି ନ ଦେବା। ଏନେଇ କଲେଜରେ ଡିସିପ୍ଲେନେରି କମିଟି ଖୁବଶିଘ୍ର ଗଠନ ପାଇଁ ଆଲୋଚନା କରାଯାଇଥିଲା।


ବୈଠକରେ ଉପସ୍ଥିତ ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ବୃନ୍ଦ।

# ଖଲ୍ଲିକୋଟ ପଞ୍ଚାୟତ ସମିତି ବୈଠକ

**ଖଲ୍ଲିକୋଟ,୯।୧(ଡି.ଏନ୍.ଏ.)**

ଖଲ୍ଲିକୋଟ ବ୍ଲକ ଦ୍ୱାଦଶ ପଞ୍ଚାୟତ ସମିତି ବୈଠକ ବୁଧବାର ନାରାୟଣୀ ପୀଠ ଫରେଷ୍ଟ ବିଟ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ମୀନାକ୍ଷୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଗଞ୍ଜାମ ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ, ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନା, ଉପାଧକ୍ଷ ଏ. ପ୍ରକାଶ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ସଚ୍ଚିଦାନନ୍ଦ ଦାସ ପୂର୍ବ ବୈଠକ ବିବରଣୀ ପାଠ କରିଥିଲେ। ପରେ ଖଲ୍ଲିକୋଟ ବିଧାୟିକା ବୈଦ୍ୟ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ଖଲ୍ଲିକୋଟ ବ୍ଲକକୁ ୧ନଂ ବ୍ଲକ କରିବା ପାଇଁ ଚଳିତ ବର୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ନାରାୟଣୀ ପୀଠ ନିକଟରେ ଏକ ହରିଣ ପାର୍କ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ବିଡିଓ ଜେନା ଚଳିତ ବର୍ଷ ଏହି ବ୍ଲକର ବାକି ରହିଥିବା କାମଗୁଡ଼ିକ ପୂର୍ଣ୍ଣାଙ୍ଗ ସହ ଏହି ବ୍ଲକର ବିଭିନ୍ନ କାମକୁ ସୂଚାରୁ ରୂପେ ସମ୍ପାଦନ ପାଇଁ ପିଆରଆଇ ସଭ୍ୟ ଏବଂ ବ୍ଲକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ନବବର୍ଷ ଉପଲକ୍ଷେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ମହିଳାଙ୍କ ମଧରେ ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ବିକ୍ରମପୁର ସରପଞ୍ଚ ମମତା ପ୍ରଧାନ ପ୍ରଥମ ଏବଂ ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ ଦ୍ୱିତୀୟ, ଚିକିଲି ସରପଞ୍ଚ ହରପ୍ରିୟା ଖୁଣ୍ଟିଆ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ଏଠାରେ ପିଆରଆଇ ମେମ୍ବର, ବ୍ଲକ, ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ, କୃଷି ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।



ଉପସ୍ଥିତ ଅତିଥିବୃନ୍ଦ।

# କଉଡ଼ିଆରେ ଧାନମଣ୍ଡି ଉଦ୍‌ଘାଟନ

**ପାଟପୁର,୯।୧**

ସାନଖେମୁଣ୍ଡି ବ୍ଲକ କଉଡ଼ିଆଠାରେ ଗ୍ରାମର ନେତାଜୀ ସୁଭାଷ ଚନ୍ଦ୍ର ମହିଳା ଆତ୍ମ ସହାୟିକା ଗୋଷ୍ଠୀ ପକ୍ଷରୁ ମଙ୍ଗଳବାର ଧାନ ମଣ୍ଡି ଶୁଭାରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ବିଡିଓ ଗାୟିତ୍ରୀ ଦଉ ନାୟକ, ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ଦୁର୍ଯ୍ୟୋଧନ ମଲିକ, ସୋସିଆଲ ଅଡିଟର ବାବୁଲା ବିଷୋୟୀ, ସମିତିସଭ୍ୟ ଅମିନ ପ୍ରଧାନ, ନିର୍ବାହୀ ଅଧିକାରୀ ରାଜେଶ୍ୱର ହାତୀ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ଗୋଷ୍ଠୀ ସଭାପତି ରିନା ପ୍ରଧାନ, ସମ୍ପାଦିକା ମମତା କୁମାରୀ ପ୍ରଧାନ ପରିଚାଳନା କରିଥିଲେ। ଗ୍ରାମ ସଭାପତି ନରେଶ ପ୍ରଧାନ, କୀର୍ତ୍ତନ ନାୟକଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ବିଜେଡିର ସାଙ୍ଗଠନିକ ବୈଠକ



ଉପସ୍ଥିତ ବିଧାୟକ ଓ କର୍ମୀମାନେ।

**ଗଞ୍ଜାମ,୯।୧(ଡି.ଏନ.ଏ.)**

ଗଞ୍ଜାମ ସହର ନିକଟ ଐତିହାସିକ ପୋତାଗଡ଼ଠାରେ ବିଜେଡିର ଦଳୀୟ ସାଙ୍ଗଠନିକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ଦଳର ସାଙ୍ଗଠନିକ ବୃଦ୍ଧି ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଲୋକମାନଙ୍କ ଠାରେ ପହଞ୍ଚାଇବା ଏବଂ ବିଭିନ୍ନ ୱାର୍ଡର ଅବହେଳିତ, ଭତ୍ତା, ରାସନକାର୍ଡ ପାଇବାରୁ ବଂଚିତ ଲୋକଙ୍କ ତାଲିକା ପ୍ରସ୍ତୁତ କରିବାକୁ ବିଧାୟକ ପରାମର୍ଶ ଦେଇଥିଲେ। ବୈଠକରେ ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧବର କୁମାର ପାଢ଼ୀ, ପୌର ନିର୍ବାଚନ ଅଧିକାରୀ ଦାୟିତ୍ୱରେ ଥିବା ବିଜେଡି ଯୁବନେତା ରାକେଶ ଦାସ, ସୁଦାମ ପଲାଇ, ଦଣ୍ଡପାଣି ପରିଡ଼ା, ନିଳାଞ୍ଚଳ ବାରିକି, ସୂର୍ଯ୍ୟ ପାତ୍ର, ଅବିନାଶ ବେହେରା, କାମା ପଲାଇ, ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୪ ନଂ.ୱାର୍ଡର ପୂର୍ବତନ

# ଅବ୍ୟବସ୍ଥା ଘେରରେ ସିକରମାହା ସ୍ୱାସ୍ଥ୍ୟକେନ୍ଦ୍ର

**ଦାରିଙ୍ଗବାଡି,୯।୧(ଡି.ଏନ.ଏ)**

■ ନାହିଁ ନାହିଁରେ ଚାଲିଛି ସ୍ୱାସ୍ଥ୍ୟସେବା

■ ୨ ମାସ ବିତିଲା ପାଣି ନାହିଁ, ଡାକ୍ତର ପଦବୀ ଖାଲି ପାଇଁ ହଟହଟା ରୋଗୀ

ଦାରିଙ୍ଗବାଡି ବ୍ଲକ ସିକରମାହା ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥାରେ ଚାଲିଛି। ଦୁର୍ଗମ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ରାଜ୍ୟ ସରକାର ସିକରମାହାଠାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ସ୍ଥାପନ କରିଥିଲେ ମଧ ପରିଚାଳନା ପାଇଁ ବ୍ୟବସ୍ଥା ହୋଇପାରିନାହିଁ। ୫ଟି ଏବଂ ମୋ ସରକାର କାର୍ଯ୍ୟକାରି ହେବାପରେ ଜନସାଧାରଣଙ୍କ ବହୁ ଆଶା ଥିଲା କି ସିକରମାହା ସ୍ୱାସ୍ଥ୍ୟକେନ୍ଦ୍ରର ଭାଗ୍ୟ ବଦଳିବ। କିନ୍ତୁ ତାହା ହୋଇପାରିନାହିଁ। ବରଂ ସମସ୍ୟା ବଢ଼ିବାରେ ଲାଗିଛି। ୨ ମାସ ହେଲା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ପିଇବା ପାଣି ସମେତ ଶୌଚଆଦି ପାଇଁ ପାଣି ନାହିଁ। ଫଳରେ ରୋଗୀ ଓ କର୍ମଚାରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପାଣି ସମସ୍ୟା ପାଇଁ ସେମାନେ ୨୫କିମି ଦାରିଙ୍ଗବାଡିରେ ରହି ଯାତାୟାତ କରୁଛନ୍ତ । ଏନେଇ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ତଥା ଫାର୍ମାଶିଷ୍ଟ ପତିତପାବନ ପାଣିଗ୍ରାହୀ ଏବଂ ଆଟେଣ୍ଡାଣ୍ଟ ବିଷ୍ଣୁପ୍ରସାଦ ସାହୁ କହିଛନ୍ତି, ସେମାନେ ଏନେଇ କାର୍ଯ୍ୟରତ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶନର ଯନ୍ତ୍ରୀ ସୁଦର୍ଶନ ବେହେରାଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳୁନାହିଁ। ସେହିପରି ଷ୍ଟାଫ କ୍ୱାର୍ଟର ମଧ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ସହ ପାଇଖାନା ଭାଙ୍ଗିରୁଜି ଯାଇଛି। ନୂତନ କୋଠା ନିର୍ମାଣର ଅଳ୍ପ ଦିନରେ ଭାଙ୍ଗିରୁଜି ଯିବା ସହ ନିମ୍ନ ମାନର କାର୍ଯ୍ୟ ଯୋଗୁ ବର୍ଷାହେଲେ ପାଣି ଗଳୁଛି। ସେହିପରି ପାଚେରୀ ନିର୍ମାଣ ଅଧପନ୍ତରିଆ ହୋଇ ରହିଥିବା ସହ କିଛି ପାଚେରୀ କାମ ଚାଲିଥିବା ବେଳେ ଭୁଷୁଡି ପଡିଛି।

ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜୟପାଲ ସେନାପତିଙ୍କ ସହ ଯୋଯୋଗ କରିବାରୁ ସେ କହିଛନ୍ତି। ଯେ, ଦାୟୀତ୍ୱରେ ରହିଥିବା ଯନ୍ତ୍ରୀ ସୁଦର୍ଶନ ବେହେରା ଦାରିଙ୍ଗବାଡିରେ ରହିବା ବଦଳରେ ତାଙ୍କୁ ଅନ୍ୟ ବ୍ଲକରେ ମଧ ଦାୟିତ୍ୱ ଦିଆଯାଇଛି। ସେ ଏଠାରେ ନ ରହି ରାଇକିଆରେ ରହୁଛନ୍ତି। କୌଣସି କାର୍ଯ୍ୟ ସଠିକ ଭାବେ କରୁ ନ ଥିବା ଡାକ୍ତର ସେନାପତି କହିଛନ୍ତି। ଏନେଇ ସେ ଜିଲା ଏବଂ ବ୍ଲକ ବୈଠକରେ ଅବଗତ କରାଇଛନ୍ତି। ତଥାପି ଜିଲା ପ୍ରଶାସନ ଚୁପ୍ ବସିଥିବା ଡାକ୍ତର ସେନାପତି ଅଭିଯୋଗ କରିଛନ୍ତି। ଏନେଇ ଜିଲାପାଳ ଡ. ବୃନ୍ଦା ଡିଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଏବେ ଉକ୍ତ ଯନ୍ତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି ତେବେ ସମସ୍ୟାର ସମାଧାନ ପାଇଁ ସେ ପଦକ୍ଷେପ ନେବେ।


ଅଚଳ ପାଣିପମ୍ପ।

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ରାଇକିଆ,୯।୧:** ରାଇକିଆ ଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମାନିନୀ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଇକିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରବୀଣ କୁମାର ବାଣୁଆଙ୍କୁ ନିମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଥିଲା। ଏଥିସହ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପାଇଁ ନିଷ୍ପତି ନିଆଯିବା ସହ ବିଭିନ୍ନ ବିଭାଗ ପରିଚାଳନା ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ପ୍ରଭାତ ଫେରି ପରେ ୯ଟାରେ ପତାକା ଉତ୍ତୋଳନ, ମିଳିତ ପରେଡ଼, ମାସ ଡ୍ରପଲ, ମିଷ୍ଟାନ୍ନ ବଣ୍ଟନ ହେବ। ଏଥି ସହ ଭଲିବଲ, ବାସ୍କେଟବଲ ମ୍ୟାଚ ଆୟୋଜନ ପାଇଁ ସ୍ଥିର ହୋଇଥିଲା। ବୈଠକରେ ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କ ସମେତ ଜିଲା ପରିଷଦ ସଭ୍ୟା ଝୁଲିମା ଦଳ ବେହେରା, ମୃତ୍ୟୁଞ୍ଜୟ ପାତ୍ର, ସମିତି ସଭ୍ୟ ମିନି ନାୟକ, ଗୀତଞ୍ଜଳୀ ନାୟକ, ଅତିରିକ୍ତ ଥାନା ଅଧିକାରୀ ଅଲେଖ ଗରଡ଼ିଆ, ଏବିଇଓ ସୀମାଦ୍ରି କହଁର ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟିକାଙ୍କ ଅଭିଯୋଗ ଶୁଣାଣି

**କୋଦଳା,୯।୧(ଡି.ଏନ.ଏ.):** ଗଞ୍ଜାମ ଜିଲା କୋଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିଧାୟିକାଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଦଳା ଏନ୍ଏସିର ମାସିକ ଅଭିଯୋଗ ଶୁଣାଣିରେ ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନ ଅଧକ୍ଷତା କରିଥିବାବେଳେ ସ୍ଥାନୀୟ ତହସିଲଦାର ପ୍ରଭାତ କୁମାର ପରିଡା, ଏନ୍ଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, କନିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ରନାଥ ବେହେରା, ଏସ୍ଆଇ ଅନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଏନ୍ଏସିର ଶତାଧିକ ସାଧାରଣ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣି ଏହାର ପ୍ରକୃତ ତଦନ୍ତ କରି ତୁରନ୍ତ ଏହି ସମସ୍ୟା ଗୁଡିକୁ ସମାଧାନ ନିମନ୍ତେ ପ୍ରୟାସ କରିବା ପାଇଁ ଉପସ୍ଥିତ ପଦାଧିକାରୀଙ୍କୁ ବିଧାୟିକା ନିର୍ଦ୍ଦେଶ ଦେଇଥିଲେ। ତାହାଛଡା ଉକ୍ତ କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ସଞ୍ଜୀବ କୁମାର ସାହୁ ଓ ସମ୍ପାଦକ ଗୋପାଳ କୃଷ୍ଣ ସାହୁ ଅଭିଯୋଗକାରୀଙ୍କୁ ନିୟନ୍ତ୍ରଣ କରିଥିବା ବେଳେ କାର୍ଯ୍ୟାଳୟ ଓ ଦଳୀୟ କର୍ମଚାରୀମାନେ ସହଯୋଗ କରିଥିଲେ।

### ଦୁଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ

**ପୁରୁଷୋତ୍ତମପୁର,୯।୧(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ କେଏନପୁର ପଞ୍ଚାୟତ ପିଏନ୍ପୁର ଗ୍ରାମର ଧୀରେନ୍ଦ୍ର ଆଚାର୍ଯ୍ୟଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିଲା। ସେହିପରି ଆଛୁଲି ଗ୍ରାମର ଭିକାରି ମହାରଣାଙ୍କ ପାଣିରେ ବୁଡି ମୃତ୍ୟୁ ଘଟିଥିଲା। ରାଜସ୍ୱ ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଉଭୟ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ସହାୟତା ପ୍ରଦାନ କରାଯାଇଛି। ଗୁରୁବାର ସ୍ୱର୍ଗତ ଧୀରେନ୍ଦ୍ରଙ୍କ ମା' ସୁନା ଆଚାର୍ଯ୍ୟ ଓ ସ୍ୱର୍ଗତ ଭିକାରିଙ୍କ ସ୍ତ୍ରୀ ଚନ୍ଦୁରି ମହାରଣାଙ୍କୁ ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ ଓ ଅତିରିକ୍ତ ତହସିଲଦାର ସୁନିଲ କୁମାର ଟୁଡୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି।

### ଜୈବସାର ପ୍ରଶିକ୍ଷଣ ଶିବିର

**ଆସିକା,୯।୧(ଡି.ଏନ୍.ଏ.):** ଆସିକା ବନାଞ୍ଚଳର ଝାଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧୁସିତ ବାଡୁଳାପଲ୍ଲୀ ଓ ମଦନଗଣ୍ଡାପଲ୍ଲୀ ଗ୍ରାମରେ ଗୁରୁବାର ବନବିଭାଗ ପକ୍ଷରୁ ଜୈବସାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗ୍ରାମବାସୀଙ୍କୁ ପରିମଳ ବ୍ୟବସ୍ଥା ଲାଗି ଡଷ୍ଟବିନ ବଣ୍ଟନ କରାଯାଇଥିଲା। ରାସାୟନିକ ସାର ବ୍ୟବହାରରୁ ଦୂରେଇ ଜୈବସାର ଉତ୍ପାଦନ ନିମନ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦିଆଯାଇଥିଲା। ଜୈବସାର କିଭଳି ପ୍ରସ୍ତୁତ କରାଯିବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେହୁରାଙ୍କ ନିର୍ଦ୍ଦେଶକ୍ରମେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ ପ୍ରଶନ୍ନ କୁମାର ସାହୁ, ବନପାଳ କଳ୍ପନା କୁମାରୀ ପାଳ ଏବଂ ବନରକ୍ଷୀ ଶରତ ବେହେରା ଓ ସନ୍ତୋଷ ବେହେରା ଏଥିରେ ସାମିଲ ଥିଲେ।

## ପ୍ରଚାରରେ ସୀମିତ ବୃକ୍ଷ ସୁରକ୍ଷା ଅଭିଯାନ

# ଉନ୍ନତି ଆଳରେ ଚାଲିଛି ବୃକ୍ଷକଟା

- ବିରୋଧ କଲା ସବୁଜ ବାହିନୀ
- ଗଛ କାଟିଲେ ଏନ୍‌ଜିଟିର ଦ୍ୱାରସ୍ଥ ଚେତାବନୀ

**ବ୍ରହ୍ମପୁର ଅଫିସ,୯।୧**

ବ୍ରହ୍ମପୁର ସହରକୁ ସବୁଜ ସୁନ୍ଦର କରିବାକୁ ଜିଲା ପ୍ରଶାସନ, ବନ ବିଭାଗ, ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ରାସ୍ତା ଉନ୍ନତୀକରଣ ନାମରେ ଠିକାଦାରଙ୍କୁ ଗଛ କଟାଯିବାକୁ ପ୍ରୋତ୍ସାହିତ କରାଯାଉଥିବା ଅଭିଯୋଗ ହୋଇଛି। ପୂର୍ବରୁ ବହୁବାର ସବୁଜବାହିନୀ ପକ୍ଷରୁ ସହରର ବୃହତ୍ ଓ ମୂଲ୍ୟବାନ ବୃକ୍ଷକୁ କାଟିବା ପରିବର୍ତ୍ତେ ତାହାକୁ ଜୀବନ୍ତ ଅବସ୍ଥାରେ ଅନ୍ୟତ୍ର ପୁନଃରୋପଣ କରାଯିବାକୁ ବନବିଭାଗ, ପୂର୍ତ୍ତବିଭାଗ, ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏହାସତ୍ତ୍ୱେ ମଙ୍ଗଳବାର ବିଳମ୍ବିତ ରାତିରେ ଅନେକ ସ୍ଥାନରେ ଗଛ କଟାଯାଇଥିବା ଦେଖିବାକୁ ମିଳିଥିଲା। ଏହାପରେ ସବୁଜବାହିନୀ ଓ ପ୍ରକୃତିପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୃକ୍ଷସୁରକ୍ଷା ପାଇଁ ସବୁଜ ବାହିନୀ ଅଣ୍ଟା ଭିଡିଛି। ବୁଧବାର ବିଭିନ୍ନ ଅଞ୍ଚଳରେ ଥିବା ବୃକ୍ଷ ଗୁଡିକରେ ନମ୍ବରିଂ କରିବା ସହ ଆଗାମୀ ଦିନରେ ବେପରୁଆ ଭାବେ ବୃକ୍ଷକଟା ଗଲେ ସଂଗଠନ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହେବାକୁ ଚେତାବନୀ ଶୁଣାଇଛି। ସବୁଜବାହିନୀ ଅଭିଯୋଗ ପ୍ରକାରେ, ସହରରେ ଉନ୍ନତୀକରଣ ନାମରେ ଚାଲିଥିବା ବୃକ୍ଷ କଟାକୁ ରୋକିବା ସହ ବୃକ୍ଷ କାଟିବା ପରିବର୍ତ୍ତେ ପ୍ରଶାସନ ନିକଟରେ ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ବହୁବାର ନିବେଦନ କରାଯାଇଛି। ଦଶ ପନ୍ଦର ବର୍ଷ ର ବୃକ୍ଷ ଗୁଡିକୁ ସ୍ଥାନାନ୍ତରିତ କରି ପୁନଃ ଅନ୍ୟତ୍ର ରୋପଣ କରିବାକୁ ବହୁବାର ସଂଗଠନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏପରିକି ନିଜସ୍ୱ ଉଦ୍ୟମରେ ସ୍ୱେଚ୍ଛାସେବୀମାନଙ୍କୁ ନେଇ କିଛି ବୃକ୍ଷ ମଧ୍ୟ ସଂଗଠନ ପକ୍ଷରୁ ସ୍ଥାନାନ୍ତରିତ କରାଯାଇଛି। ଏଥିସହ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ବିଏମ୍‌ସି କମିଶନର, ବନବିଭାଗ କର୍ତ୍ତୃପକ୍ଷଙ୍କୁ ଏନେଇ ପୂର୍ବରୁ ଲିଖିତ ଭାବେ ନିବେଦନ କରାଯାଇଛି। ସେହିସମୟରେ ଉପରୋକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ଓ ଠିକାଦାରଙ୍କୁ ଏନେଇ ଅବଗତ କରାଯିବା ସହ ସହଯୋଗ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ପ୍ରତିଶ୍ରୁତି ପାଳନ ହୋଇନାହିଁ। ରାସ୍ତା ନିର୍ମାଣ ନାମରେ ବିଗତ ଦିନରେ ଗଛକଟା କମିବା ପରିବର୍ତ୍ତେ ବୃଦ୍ଧି ପାଉଥିବା ସଂଗଠନ ପକ୍ଷରୁ କୁହାଯାଇଛି। ସଭାପତି ଶିବରାମ ପାଣିଗ୍ରାହୀଙ୍କ ସୂଚନା ପ୍ରକାରେ, ମଙ୍ଗଳବାର ରାତିରେ ଅନ୍ଧପସରା ରାସ୍ତାରେ ୧୦ କଦମ୍ବ, କୃଷ୍ଣ ଚୂଡା ଓ ରାଧାଚୂଡା ଆଦି ବୃକ୍ଷ ମୂଳରୁ ଉପୁଡା ଯାଇଛି। ସେହପରି ବ୍ରହ୍ମପୁର ମହାନଗର ନିଗମ ତରଫରୁ ଓଡିଆରପି ଅଧୀନରେ ଚାଲିଥିବା ରସ୍ତା ନିର୍ମାଣ କାର୍ଯ୍ୟ ପାଇଁ ହାଉସିଂ ବୋର୍ଡରୁ ଆମ୍ବବଜାର ମଧ୍ୟରେ ବହୁ ବୃକ୍ଷ କଟାଯାଇଛି। ପୂର୍ବରୁ ହରିଡାଖଣ୍ଡିରୁ ଅନ୍ଧପସରା ରାସ୍ତାରେ ୬୯ ବୃକ୍ଷ ଥିଲା ବେଳେ ବର୍ତ୍ତମାନ ୪୮ ଏବଂ ହାଉସିଂ ବୋର୍ଡଠାରୁ ଆମ୍ବବଜାର ପୂର୍ବରୁ ୭୩ ବୃକ୍ଷ ଥିଲା ବେଳେ ବର୍ତ୍ତମାନ ୫୭ ବୃକ୍ଷ ଅଛି ଅନ୍ୟ ୩୭ ବୃକ୍ଷ ରାତାରାତି କଟାଯାଇଛି। ଆଗାମୀ ଦିନରେ ଗଛକଟା ଜାରି ରହିଲେ ଏନଜିଟିରେ ମାମଲା ରୁଜୁ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

ବୁଧବାର ଅନୁଷ୍ଠିତ ପ୍ରତିବାଦରେ ବ୍ରହ୍ମପୁର ସବୁଜ ବାହିନୀର ସଭାପତିଙ୍କ ସମେତ ସମ୍ପାଦକ ଏମ୍.ଦିଲୀପ କୁମାର, ଆଞ୍ଚଳିକ ବିକାଶ ପରିଷଦ ସଭାପତି ସାଗର କୁମାର ପାତ୍ର, ସମ୍ପାଦକ ବିଜେନ୍ଦ୍ର ମାଝି, ମହାତ୍ମା ହେଲ୍ପିଂ ହ୍ୟାଣ୍ଡ ଏମ୍.ଭେଙ୍କଟ ରାମାଣା, ପରିବେଶବିତ୍ ଶ୍ୟାମସୁନ୍ଦର ଖାଡଙ୍ଗା,ଅରବିନ୍ଦ ଦେଶୀବେହେରା,ଏ.ପ୍ରକାଶ, ସଞ୍ଜୟ ପାତ୍ର, ସୂର୍ଯ୍ୟ ନାରାୟଣ ଦାସ, ସୁନୀଲ ପାତ୍ର, ପ୍ରସନ୍ନ ସ୍ୱାଇଁ ଓ ସିଲୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଗଛ କଟାଯାଇଥିବା ସ୍ଥାନରେ ସବୁଜ ବାହିନୀ ଓ ବିଭିନ୍ନ ସଂଗଠନର ବିକ୍ଷୋଭ ପ୍ରଦର୍ଶନ ।

### ଦିବଂଗତ ଶିକ୍ଷୟିତ୍ରୀଙ୍କ ପରିବାରକୁ ସହାୟତା

**ଦିଗପହଣ୍ଡି,୯।୧(ଡି.ଏନ.ଏ.)**

ଚିକିଟିପେଣ୍ଠ ନୋଡାଲ ହାଇସ୍କୁଲରେ ସହକାରୀ ଶିକ୍ଷୟିତ୍ରୀ ଅମିତା ବାଡତ୍ୟାଙ୍କ ପରଲୋକ ଘଟିଛି। ସେ ଦିଗପହଣ୍ଡି ଏନ୍ଏସି ୫ନମ୍ବର ୱାର୍ଡ ଅନ୍ତର୍ଗତ ଫୁଲସୁନ୍ଦରୀ ସାହିରେ ରହୁଥିଲେ। ମଙ୍ଗଳବାର ପେଟରେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବୁଧବାର ମୃତଦେହ ଆସିବା ପରେ ସ୍ଥାନୀୟ ହାଟତୋଟା ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ଅପରାହ୍ନରେ ଚିକିଟି ବ୍ଲକ ଶିକ୍ଷାଧିକାରୀ କୁରେଶ୍ୱ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଆର୍ତ୍ତତ୍ରାଣ ବେହେରା, କର୍ମଚାରୀ ସତ୍ୟ ନାରାୟଣ ପାତ୍ର ଏବଂ ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଶିକ୍ଷୟିତ୍ରୀଙ୍କ ଦିଗପହଣ୍ଡିସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ସ୍ୱାମୀ ବଳରାମ ବେହେରାଙ୍କୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଚିକିଟି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ ଯୋଜନାଭୁକ୍ତ) ସଭାପତି ତ୍ରିଲୋଚନ ପ୍ରଧାନ, ଦିଗପହଣ୍ଡି ବ୍ଲକ ସଭାପତି ରାଜେନ୍ଦ୍ର କୁମାର ଗୌଡ, ନିୟମିତ ଶିକ୍ଷକ ସଂଘ ସଭାପତି ହରିଶ୍ଚନ୍ଦ୍ର ବେହେରା, କର୍ମକର୍ତ୍ତା ଗୌତମ ରଣା, ଉପଦେଷ୍ଟା ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ନାଟ୍ୟମ୍‌ରେ ପ୍ରଥମ ଥର ପାଇଁ ଭାଗନେବେ ମୋନାଲି

# ଗଞ୍ଜାମରୁ ମନୋନୀତ ୩ ପ୍ରତିଯୋଗୀଙ୍କ ଲକ୍ଷ୍ନୌ ଗସ୍ତ

**ବ୍ରହ୍ମପୁର ଅଫିସ,୯।୧**

ଛୋଟ ବେଳୁ ନୃତ୍ୟ ପ୍ରତି ଆଗ୍ରହ ତାଙ୍କୁ ପହଞ୍ଚାଇଛି ଜାତୀୟସ୍ତରରେ। ମାତ୍ର ୧୪ ବର୍ଷ ବୟସରେ ସେ ନିଜକୁ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ କରାଇପାରିଛନ୍ତି। ସେ ହେଲେ ବ୍ରହ୍ମପୁରର ଗୋଷାଣୀନୂଆଗାଁ ଶିଶୁ ମନ୍ଦିରର ୯ମ ଶ୍ରେଣୀ ଛାତ୍ରୀ ମୋନାଲି ଦାଶ। ମାତ୍ର ୩ ବର୍ଷ ବୟସରୁ ପିତା ଲକ୍ଷ୍ମଣ ଦାଶଙ୍କଠାରୁ କୁଚିପୁଡି, ଭାରତନାଟ୍ୟମ ନୃତ୍ୟ ଶିକ୍ଷା ଆରମ୍ଭ କରିଥିବା ବେଳେ ଏବେ ସେ ଗୁରୁ ରାଧେଶ୍ୟାମ ତରାଇଙ୍କଠାରୁ ନୃତ୍ୟ ଶିକ୍ଷା ଲାଭ କରୁଛନ୍ତି। ତେବେ ମୋନାଲି ଏବେ ପ୍ରଥମ ଥର ପାଇଁ ଜାତୀୟସ୍ତରୀୟ ଯୁବ ଉତ୍ସବରେ ଭାଗନେବାକୁ ମନୋନୀତା ହୋଇଛନ୍ତି। ସେ ଆସନ୍ତା ୧୨ ରୁ ୧୬ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲକ୍ଷ୍ନୌରେ ଆୟୋଜିତ ୨୫ତମ ଜାତୀୟସ୍ତରୀୟ ଯୁବ ଉତ୍ସବରେ ଭାଗନେବେ। ପୂର୍ବରୁ ସେ ବିଭିନ୍ନ ବିଦ୍ୟାଳୟସ୍ତରୀୟ, ଜିଲାସ୍ତରୀୟ, ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ କୁଚିପୁଡି, ଭାରତ ନାଟ୍ୟମ୍ ନୃତ୍ୟ ପରିବେଷଣ କରି ପୁରସ୍କୃତ ହୋଇଛନ୍ତି। ଚଳିତ ବର୍ଷ ବ୍ରହ୍ମପୁରରେ ଅନୁଷ୍ଠିତ, ଜିଲାସ୍ତରୀୟ ଯୁବ ଉତ୍ସବରେ ଉଭୟ କୁଚିପୁଡି, ଭାରତ ନାଟ୍ୟମ୍‌ରେ ଭାଗନେଇ ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ଭଦ୍ରକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୁଚିପୁଡିରେ ଦ୍ୱିତୀୟ, ଭାରତ ନାଟ୍ୟମ୍‌ରେ ପ୍ରଥମସ୍ଥାନ ଅଧିକାର କରି ଜାତୀୟସ୍ତରୀୟ ଯୁବ ଉତ୍ସବ ପାଇଁ ମନୋନୀତ ହୋଇଥିଲେ।



ଜାତୀୟସ୍ତରରେ ଭାଗନେବାକୁ ମନୋନୀତ ହୋଇଥିବା ୩ ପ୍ରତିଯୋଗୀ ।

**ଜାତୀୟସ୍ତରୀୟ ଯୁବ ଉତ୍ସବ**

ସେ ଲକ୍ଷ୍ନୌଠାରେ ଆୟୋଜିତ ଯୁବ ଉତ୍ସବରେ ଭାରତ ନାଟ୍ୟମ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଥିବା ସୂଚନା ମିଳିଛି। ଗଞ୍ଜାମ ଜିଲାର ଅନ୍ୟ ଦୁଇ ପ୍ରତିଯୋଗୀଙ୍କ ସହ ବ୍ରହ୍ମପୁରରୁ ଲକ୍ଷ୍ନୌ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଗୀଟାରରେ ପ୍ରଥମ ସ୍ଥାନ ଅଧିକାର କରିଥିବା କାଳୁଚରଣ ମହାରଣା ଓ ମୃଦଙ୍ଗରେ ପ୍ରଥମ ହୋଇଥିବା ରମ୍ଭା ଡିଗ୍ରୀ କଲେଜର ଯୁକ୍ତ ୩ ଛାତ୍ର ଝଟକ ବେହେରା ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଇଛନ୍ତି। ସେଠାରୁ ଶୁକ୍ରବାର ପୂର୍ବାହ୍ନରେ ଟ୍ରେନ ଯୋଗେ ଓଡିଶାର ୭୫ ଜଣିଆ ପ୍ରତିଯୋଗୀ ଦଳ ସହ ଲକ୍ଷ୍ନୌ ଅଭିମୁଖେ ଯାତ୍ରା କରିବେ ବୋଲି ସୂଚନା ମିଳିଛି। ଏହି ଅବସରରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜମି ହଡ଼ପ ମାମଲା: ପାତରଅନ୍ତର ଅଭିଯୋଗ

# ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ

**କନିଷି,୯।୧(ଡି.ଏନ.ଏ.)**

ଗୋଳନ୍ଥରା ଥାନା କନିଷି ଗ୍ରାମ ଦଳିତ ଲୋକଙ୍କ ଜମି ହଡ଼ପ ମାମଲାରେ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ଅଭିଯୋଗରେ ଜଣେ ବ୍ୟକ୍ତି ରାଜ୍ୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ମିଳିଛି। କନିଷି ହାଟସ୍ଥିତ ଜୟନଗର ଅଞ୍ଚଳର ଶୁଭାଶିଷ ସାହୁ କମିଶନଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାୟୀ, କନିଷି ଗ୍ରାମର ୫ ଦଳିତ ବ୍ୟକ୍ତିଙ୍କ ଜମିକୁ କେତେକ ବ୍ୟକ୍ତି ଜୋରଜବରଦସ୍ତ ବନ୍ଧୁକ ଦେଖାଇ ହଡ଼ପ କରିଥିବା ଗୋଳନ୍ଥରା ଥାନାରେ ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କ ସମେତ ୧୦ ଜଣଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଏଥିରେ ପୋଲିସ ବର୍ଷକ ତଳେ ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁ ଓ ତ୍ରିନାଥ ପାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ବର୍ତ୍ତମାନ ସୁଦ୍ଧା ସେ ଦୁହେଁ ଜେଲରେ ଥିବା ବେଳେ ଅନ୍ୟ ୮ ଜଣଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ପାତର ଅନ୍ତର ନୀତି ଅବଲମ୍ବନ କରୁଥିବା ନେଇ ଶୁଭାଶିଷ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ପୋଲିସ ଗିରଫ ନ କରି ଛାଡ଼ିଥିବା ୮ ଜଣଙ୍କ ମଧ୍ୟରୁ ୬ ଜଣ ପ୍ରତିଷ୍ଠିତ, ପ୍ରଭାବଶାଳୀ ତଥା ରାଜନୈତିକ ବ୍ୟକ୍ତିଙ୍କ ଛତ୍ରଛାୟା ତଳେ ରହୁଛନ୍ତି। ପୋଲିସ ସେମାନଙ୍କୁ ଚାର୍ଜଶିଟରେ ଫେରାର ଦର୍ଶାଇ ଉଚ୍ଚ ନ୍ୟାୟାଳୟରୁ ଜାମିନ ପାଇବା ପାଇଁ ସୁଯୋଗ ଦେଇଛି। ଏନେଇ ଶୁଭାଶିଷ ରାଜ୍ୟ ମାନବାଧିକାର କମଶନ, ସିଡିଆର, ଏନ୍‌ଫୋର୍ସମେଣ୍ଟ ନିର୍ଦ୍ଦେଶକ, ପୋଲିସ ମହାନିର୍ଦ୍ଦେଶକ, ଗୃହ ସଚିବ, ୫-ଟି ସଚିବଙ୍କ ସମେତ ଦକ୍ଷିଣାଞ୍ଚଳ ଡିଆଇଜି ଓ ବ୍ରହ୍ମପୁର ଏସ୍‌ପିଙ୍କୁ ଅଭିଯୋଗ ପତ୍ର ପଠାଇଛନ୍ତି।

# ୩ ଲୁଟେରା ଗିରଫ

## ୧୨ ମୋବାଇଲ ଫୋନ, ବାଇକ୍ ଜବତ

**ବ୍ରହ୍ମପୁର ଅଫିସ,୯।୧**

ଟାଉନ ଥାନା ପୋଲିସ ଗୁରୁବାର ୩ ମୋବାଇଲ ଫୋନ ଲୁଟେରାଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲା ପାତ୍ରପଡାର ସୁଶାନ୍ତ ଓରଫ ଧୁବା ଦୀପ୍ତିରଞ୍ଜନ (୧୯), ବୈଦ୍ୟନାଥପୁର ଅନ୍ତର୍ଗତ ଗେଟବଜାର ମୋହନନଗରର ରାହୁଲ ନାୟକ (୨୦) ଓ ବଡବଜାର ଥାନା ଧାନମେରା ସାହିର ସୀତାରମ ବେହେରା (୧୯)। ଏଥିରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ମଧ୍ୟ ପୋଲିସ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡ଼ ନିକଟରେ ହାଜର କରିଛି। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୧୨ ଚୋରି ମୋବାଇଲ ଫୋନ ଓ ଗୋଟିଏ ବାଇକ୍ (ନଂ ଓଡ଼ି-୦୭ଏଡି-୭୮୪୯) ଜବତ କରିଥିବା କହିଛି। ଅଭିଯୁକ୍ତମାନଙ୍କ ନାମରେ ଏକାଧିକ ମାମଲା ଥିବା ଜଣାପଡିଛି। ମାମଲା ନଂ.୩/୨୦ ରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଘଟଣାରୁ ପ୍ରକାଶ, ମିଲିଟାରୀ ଲାଇନ୍‌ରେ ଥିବା ଟି.ପବନ ଏସ୍‌ଏନ୍‌ଟି ରୋଡ ନିକଟରେ ଥିବା ହିନ୍ଦୁସ୍ତାନ ବେକେରୀରେ କାମ କରନ୍ତି। ଗତ ୬ ତାରିଖ ରାତି ପ୍ରାୟ ୧୧ ଟାରେ ସେ ଦୋକାନ ବନ୍ଦ କରି ଫୋନରେ କଥା ହୋଇ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ମୋବାଇଲ ଫୋନ ଝାମ୍ପି ନେଇଥିଲେ। ଅଭିଯୋଗ ପରେ ପୋଲିସ ଉକ୍ତ ଲୁଟ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିବା କହିଛି।



ଗିରଫ ୩ ଲୁଟେରା ।

## ପିଆଜ ପରେ ଏବେ ଆଳୁ ପାଳି

# ଆଳୁ ଦର ବୃଦ୍ଧି ଯୋଗୁ ଗ୍ରାହକଙ୍କ ମୁଣ୍ଡବିନ୍ଧା



**ବ୍ରହ୍ମପୁର ଅଫିସ୍,୯।୧**

'ଆଳୁ' ଏକ ମୁଖ୍ୟ ପରିବା। କେହି ଏହାକୁ ରୋଷେଇ ଘରର ରଜା ବୋଲି କୁହନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ଏହାର ଦର ଶୁଣିଲା ମାତ୍ରେ ଓଡିଶାବାସୀଙ୍କ ମୁଣ୍ଡବ୍ୟଥା ହେଉଛି । କାରଣ ଏହାର ଦର ଏତେମାତ୍ରାରେ ବୃଦ୍ଧି ପାଇଛି, ଯାହାକି ଗ୍ରାହକମାନେ ୫ କିଲୋ ସ୍ଥାନରେ ବାଧ ହୋଇ ୧-୨ କିଲୋ ବ୍ୟବହାର କରୁଛନ୍ତି। ସୂଚନା ମୁତାବକ, ଓଡିଶାକୁ ଅଧିକାଂଶ ଆଳୁ ପଶ୍ଚିମବଙ୍ଗର କୋଲ୍‌କାତାରୁ ଆସୁଛି। ସାଧାରଣତଃ ବଜାରକୁ ନୂଆ ଆଳୁ ଜାନୁୟାରୀ ପ୍ରଥମ ସପ୍ତାହରେ ଆସିଯାଇ ଥାଏ। କିନ୍ତୁ ଚଳିତବର୍ଷ ଆଳୁ ଲାଗିବା ସମୟରେ ଅତ୍ୟଧିକ ବର୍ଷା ହେବାରୁ କ୍ଷେତରେ ପାଣିପଶି ବିହନ ଭାସି ଯାଇଥିଲା। ଫଳରେ ଠିକ୍ ସମୟରେ ବଜାରକୁ ନୂଆ ଆଳୁ ଆସିପାରିଲା ନାହିଁ । ସମୟକ୍ରମେ ବଜାରରେ ପୁରୁଣା ଆଳୁ ଦିନକୁ ଦିନ ସରିବାରେ ଲାଗିଲା । ଏଥି ନିମନ୍ତେ ବଜାରରେ ଆଳୁ ଦର ୩୦-୩୫ ଟଙ୍କାକୁ ଛୁଇଁଛି । ବୁଧବାର ଏହାର ଦର କୁଇଣ୍ଟାଲ ପିଛା ୨,୩୦୦ ରୁ ୨,୬୦୦ ଟଙ୍କା ରହିଛି ବୋଲି ବ୍ରହ୍ମପୁରର କେତେକ ହୋଲସେଲ୍ ବ୍ୟବସାୟୀ କହିଛନ୍ତି । ଅନ୍ୟପକ୍ଷେ ଆଳୁ ପ୍ରଚୁର ପରିମାଣରେ ବଜାରରେ ଗଚ୍ଛିତ ଅଛି। ଜାଣିଶୁଣି ବ୍ୟବସାୟୀମାନେ ଦର ବୃଦ୍ଧି କରିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବା ସହ କଳାବଜାରିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକେ କହିଛନ୍ତି ।

### ଏମାନଙ୍କ ମତରେ



"ଆଳୁ ଦର ବଜାରରେ ବୃଦ୍ଧି ପାଇଲେ ମଧ ଗ୍ରାହକଙ୍କୁ କୌଣସି ପ୍ରଭାବ ପଡିବ ନାହିଁ । କାରଣ ବଜାରରେ ଅନ୍ୟ ପରିବା ଦର ଗୁଡିକ କମ୍ ରହିଛି ଆଳୁ କମ୍ କ୍ରୟକରି ଚଳିପାରିବେ।
-ଆନନ୍ଦ କୁମାର ସାହୁ (ବ୍ରହ୍ମପୁର ହୋଲସେଲ୍ ବେପାରୀ)



"ବଜାରରେ ପୁରୁଣା ଆଳୁ ଆବଶ୍ୟକ ପରିମଣରେ ନାହିଁ। ତେଣୁ ଦର ବୃଦ୍ଧି ରହିବା ସ୍ୱାଭାବିକ। ନୂଆ ଆଳୁ ନ ଆସିବା ପର୍ଯ୍ୟନ୍ତ ଏହି ଦର ରହିବ ।
-ସୁରେନ୍ଦ୍ର କୁମାର ଗଉଡ(ବ୍ରହ୍ମପୁର ଖୁଚୁରା ବେପାରୀ)



"ଆଳୁ ଓ ପିଆଜ ହେଉଛି ଗରିବମାନଙ୍କର ମୁଖ୍ୟ । ଏହାର ଦର କମ୍ ରହିବା ନିହାତି ଆବଶ୍ୟକ ।
-ସିପ୍ରା ପଣ୍ଡା(ଗ୍ରାହକ)



"ପ୍ରତେକ ଦିନ ଆମେ ଆଳୁ ବ୍ୟବହାର କରିବାକୁ ବାଧ ହେଉ। ବର୍ତ୍ତମାନେ ଏହାର ଦର ଶୁଣିଲେ ଡର ଲାଗୁଛି, ଆବଶ୍ୟକତାଠାରୁ କମ୍ ପରିମାଣ ଆଳୁ ଆମେ କ୍ରୟ କରୁଛୁ ।
-ମଣ୍ଟୁ ନାଗବଂଶୀ(ଗ୍ରାହକ)



"ଆଳୁ ଦର ଯେଭଳି ଅହେତୁକ ଭାବେ ବୃଦ୍ଧି ପଉଛି ଏହା ପ୍ରତି ସରକାର ହସ୍ତକ୍ଷେପ କରିବା ଆବଶ୍ୟକ । ନଚେତ୍ ସାଧାରଣ ଲୋକେ ବହୁତ ଅସୁବିଧା ଭୋଗିବେ ।
-ପି.ରାଜେଶ୍ୱରୀ(ଗ୍ରାହକ)



"ବେପାରୀମାନେ କଳାବଜାର କରି ଜାଣିଶୁଣି ଅଯଥାରେ ଦର ବୃଦ୍ଧି କରୁଛନ୍ତି। ବଜାରରେ ପ୍ରଚୁର ପରିମାଣରେ ଆଳୁ ରହିଛି। ଏସବୁ ଦେଖିବା ପରେ ମଧ ଜିଲା ପ୍ରଶାସନ ଚୁପ୍ ବସିଛି ।
-ନରେନ୍ଦ୍ର କୁମାର ପଢ଼ୀ(ଗ୍ରାହକ)

ଧରିତ୍ରୀ
DHARITRI
ଶୁକ୍ରବାର, ୧୦ ଜାନୁୟାରୀ, ୨୦୨୦



## ସଂକ୍ଷେପରେ

### ସିମିଝରି, ଗୁଡ୍ରିଖୋଲରେ ଲାଗିଲା ସୋଲାର ଲାଇଟ୍



**ଫିରିଙ୍ଗିଆ,୯।୧:** ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ପଞ୍ଚାୟତର ଦୁର୍ଗମ ଅଞ୍ଚଳ ସିମିଝରି, ଗୁଡ୍ରିଖୋଲ ଗାଁ ଆଲୋକିତ ହୋଇଛି। ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ପକ୍ଷରୁ ଏହି ଗ୍ରାମର ପ୍ରତ୍ୟେକ ଘରକୁ ସୌରଶକ୍ତି ମାଧମରେ ବିଦ୍ୟୁତୀକରଣ କରାଯାଇଛି। ଫିରିଙ୍ଗିଆ ବ୍ଲକ ସଦର ମହକୁମାଠାରୁ ୧୩ କିମି ଦୂର ତଥା ପଞ୍ଚାୟତ ସଦର ମହକୁମାରୁ ୧୦ କି.ମି. ଦୂରରେ ଏହି ୨ ଗାଁ। ପାହାଡ ଜଙ୍ଗଲଘେରା ଏହି ଦୁଇ ଗାଁରେ ୨୫ରୁ ଉର୍ଦ୍ଧ୍ୱ ପରିବାର ରୁହନ୍ତି। ଜନସଂଖ୍ୟା ୧୦୦ରୁ ଅଧିକ। ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଚାଷବାସ କରି ସେମାନେ ଜୀବନ ନିର୍ବାହ କରନ୍ତି। ଗାଁ ୨ଟିକୁ ଏ ଯାଏ ସଡ଼କ ହୋଇ ପାରିନାହିଁ। ଲୋକେ ପାହାଡ ଉପର ଦେଇ ପାଦଚଲା ରାସ୍ତାରେ ଯାତାୟାତ କରୁଛନ୍ତି।

### ଷ୍ଟାଫ ନର୍ସଙ୍କୁ ଟଙ୍କା ମାଗିବା ସହ ଗାଳିଗୁଲଜ ଖବରଦାତାଙ୍କ ନାମରେ ଏତଲା

**ମୋହନା,୯।୧(ଡି.ଏନ୍.ଏ.):** ଜଣେ ଷ୍ଟାଫ ନର୍ସଙ୍କୁ ୫୦ ହଜାର ଟଙ୍କା ଲାଞ୍ଚ ମାଗିବା ନେଇ ଗଜପତି ଜିଲା ମୋହନା ଅଞ୍ଚଳରେ ଜଣେ ଖବରଦାତାଙ୍କ ନାମରେ ଥାନାରେ ଏତଲା ହୋଇଛି। ସମ୍ପୃକ୍ତ ଷ୍ଟାଫନର୍ସ କାର୍ଯ୍ୟ କରୁଥିବା ମେଡିକାଲ ଇନ୍‌ଚାର୍ଜ ବିଭିନ୍ନ କର୍ମଚାରୀଙ୍କ ବଦଳି ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଲାଞ୍ଚ ନେଉଥିଲେ। ଏନେଇ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ସମ୍ପୃକ୍ତ ଷ୍ଟାଫନର୍ସ ଗଣମାଧମକୁ ତଥ୍ୟ ଯୋଗାଉ ଥିଲେ। ଏକଥା ମେଡିକାଲ ଇନ୍‌ଚାର୍ଜ ଜାଣିବା ପରେ ସମ୍ପୃକ୍ତ ଖବରଦାତାଙ୍କୁ କହିଥିଲେ। ସେ ଷ୍ଟାଫନର୍ସଙ୍କ ଘରକୁ ଯାଇ ବିଭିନ୍ନ ଧମକଚମକ ଦେବା ସହ ମାମଲା ରଫାଦଫା ପାଇଁ ୫୦ ହଜାର ଟଙ୍କା ମାଗିଥିଲେ। ସେ ଏତେ ଟଙ୍କା ଦେବାକୁ ମନା କରିଥିଲେ। ଖବରଦାତା ଜଣକ ରାଗିଯାଇ ଗାଳିଗୁଲଜ କରିବା ସହ ସମ୍ପୃକ୍ତ ମହିଳା ଆଦିବାସୀ ହୋଇଥିବାରୁ ଜାତିକୁ ନେଇ ଗାଳିଗୁଲଜ କରିଥିଲେ। ଏନେଇ ସେ ମୋହନା ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଖବରଦାତା ଆପୋଷ ସମାଧାନ ପାଇଁ ଚେଷ୍ଟା କରି ବିଫଳ ହେବାପରେ ଫେରାର ହୋଇଯାଇଛନ୍ତି। ଗଞ୍ଜାମ, କନ୍ଧମାଳ, ଗଜପତି, ରାୟଗଡା ଓ ମୟୁରଭଞ୍ଜର ଆଦିବାସୀ ସଂଘ ସମ୍ପୃକ୍ତ ଖବରଦାତାଙ୍କୁ ୨୦ ତାରିଖ ସୁଦ୍ଧା ଗିରଫ କରିବାକୁ ଦାବି କରିଛନ୍ତି। ନଚେତ୍ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ନଂ.୨୩୨/୧୯ରେ ମାମଲା ରୁଜୁକରି ଆର୍.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

# ଗଦଡ଼ି ସଂରକ୍ଷିତ ଜଙ୍ଗଲରୁ ଗଛ କାଟିନେଲେ ଦୁର୍ବୃତ୍ତ

**ଦାରିଙ୍ଗବାଡି,୯।୧(ଡି.ଏନ୍.ଏ.)**

- ଡିଏଫ୍‌ଓ କହିଲେ ଜାଣିନାହାନ୍ତି
- ବଡବଡ ଗଛ କାଟି ଜଙ୍ଗଲ ସଫା
- ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଗସ୍ତକୁ ନେଇ କର୍ମଚାରୀ ବ୍ୟସ୍ତ

ଦାରିଙ୍ଗବାଡି ବନାଞ୍ଚଳର ସିମନବାଡି ନିକଟ ଗଦଡି ସଂରକ୍ଷିତ ଜଙ୍ଗଲରୁ କେହି ଦୁର୍ବୃତ୍ତ ଶତାଧିକ ମୂଲ୍ୟବାନ ଗଛ କାଟି ନେଇଛନ୍ତି। ହେଲେ କୌଣସି ବନ କର୍ମଚାରୀ ସେଠାରେ ପହଞ୍ଚି ନ ଥିବା ଜଣାପଡିଛି।

ପ୍ରକାଶ ଯେ, ପୂର୍ବରୁ ଗଦଡି ସଂରକ୍ଷିତ ଜଙ୍ଗଲଟି ସିମନବାଡି ବନାଞ୍ଚଳ ଅଧୀନରେ ରହିଥିଲା। କିଛିମାସ ହେଲା ସିମନବାଡି ଠାରୁ ବନାଞ୍ଚଳ କାର୍ଯ୍ୟାଳୟକୁ ଦାରିଙ୍ଗବାଡିକୁ ସ୍ଥାନାନ୍ତର କରାଯାଇଛି। ସିମନବାଡିଠାରେ ସେକ୍ସନ କାର୍ଯ୍ୟାଳୟ ରହିଛି। ଜଙ୍ଗଲକୁ ସୁରକ୍ଷା ଦେବାରେ ବନବିଭାଗ ବିଫଳ ହୋଇଥିବାବେଳେ କାର୍ଯ୍ୟାଳୟ ଘୁଞ୍ଚିବା ପରେ ଏହା ବଡ ଘଟଣା। ଜଙ୍ଗଲ ସୁରକ୍ଷା ପାଇଁ ପ୍ରାୟ ୧୫ ଜଣ ଆଣ୍ଟି ସ୍ମଗ୍‌ଲିଂ ସ୍କ୍ୱାଡ ନିୟୋଜିତ କରାଯିବା ସହ ୨ଟି ଗାଡି ମଧ୍ୟ ଦିଆଯାଇଛି। ଦିନରାତି ପାଟ୍ରୋଲିଂ ପାଇଁ ଖର୍ଚ୍ଚ କରାଯାଉଥିବାବେଳେ ତାହା କେବଳ କାଗଜ କଲମରେ ସୀମିତ ରହିଛି। ହଜାର ହଜାର ଟଙ୍କାର ମୂଲ୍ୟବାନ ଗଛ ଦୁର୍ବୃତ୍ତମାନେ କାହିଁକି କାଟିଛନ୍ତି ସ୍ପଷ୍ଟ ଜଣାପଡିନାହିଁ। ପଟା ଏବଂ ସାଇଜ କରି ବିକ୍ରୀ କରିବା ଉଦ୍ଦେଶ୍ୟରେ ଗଛ କଟାଯାଇଥିବା ଆଲୋଚନା ହେଉଛି। ଆଉ କେତେକ କହୁଛନ୍ତି ଯେ, ଜଙ୍ଗଲ ଜମି ଉଦ୍ଦେଶ୍ୟରେ ଏହିସବୁ ଗଛ କଟାଯାଉଛି। ବନ କର୍ମଚାରୀଙ୍କ ସହ ମାଫିଆଙ୍କ ଅସାଧୁ ମେଣ୍ଟ ଯୋଗୁ ଏଭଳି ଜଙ୍ଗଲକୁ ସଫା କରାଯାଉଛି ଓ ବନ ବିଭାଗ ସବୁଜାଣି ଚୁପ୍ ବସିଥିବା ଅଭିଯୋଗ ହେଉଛି। ପରିବେଶ ପ୍ରେମୀ ତଥା ଯୁବ ଓକିଲ ହରେନ କୁମାର ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଜଙ୍ଗଲ ବିଭାଗ ଚୁପ୍ କାହିଁକି ବସିଛି। ଦୀର୍ଘଦିନ ହେଲା ମାଫିଆ ଜଙ୍ଗଲରୁ ଗଛକାଟି ସଫା କରୁଥିଲେ ସୁଦ୍ଧା କିଭଳି ବିଭାଗୀୟ କର୍ମଚାରୀ ଜାଣିପାରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଜଙ୍ଗଲ ବିଭାଗ ଦାରିଙ୍ଗବାଡ଼ି ସ୍ୱଚ୍ଛ ପରିବେଶ ପାଇଁ ପ୍ରଦୁଷଣ ମୁକ୍ତ ସହ ଜଙ୍ଗଲକୁ ସୁରକ୍ଷା ପ୍ରଦାନ ଦିଗରେ ଗୁରୁତ୍ୱ ଦେବା ଅବାଶ୍ୟକ ବୋଲି କହିଛନ୍ତି।

ସୂଚନା ଯୋଗ୍ୟ ଯେ, ସିମନବାଡି ସେକ୍ସନ କାର୍ଯ୍ୟାଳୟଠାରୁ ମାତ୍ର ୩ରୁ ୪ କିମି ଦୂରତାରେ ଏହି ଜଙ୍ଗଲ କଟାଯାଉଥିଲେ ସୁଦ୍ଧା ବନ ବିଭାଗ କିଭଳି ଜାଣି ପାରୁନାହିଁ ଆଶ୍ଚର୍ଯ୍ୟର କଥା। ଏନେଇ ବାଲିଗୁଡା ଡିଏଫ୍‌ଓ ବିଶ୍ୱନାଥନ ନିଲନଭରଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଏନେଇ କୌଣସି ସୂଚନା ନଥିବା କହିଥିଲେ। ଅନ୍ୟ ପକ୍ଷରେ ସିମନବାଡି ସେକ୍ସନର ବନପାଳ ହରିହର ବେହେରା କହିଛନ୍ତି ଯେ, ସେ ଜଙ୍ଗଲ କଟାଯାଇଥିବା ଏବଂ ବଡ ଗଛ ସବୁ ନଷ୍ଟ ହୋଇଥିବା ସମ୍ପର୍କରେ ଜାଣି ନ ଥିଲେ। ଏବେ ଡିଏଫଓଙ୍କ ଠାରୁ ଶୁଣିଲେ ବୋଲି କହିଛନ୍ତି। ଏବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଦାରିଙ୍ଗବାଡି ଆସୁଥିବାରୁ ସେ ତାଙ୍କ ଗସ୍ତ ନେଇ ବ୍ୟସ୍ତ ଅଛନ୍ତି। ଜଙ୍ଗଲକୁ ସୁରକ୍ଷା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।



ଗଦଡ଼ି ସଂରକ୍ଷିତ ଜଙ୍ଗଲରେ ଗଛ କଟାଯାଇଛି।

# ବେରେଡାକିଆ ସାପ୍ତହିକ ହାଟ ଉଦ୍‌ଘାଟିତ




ସାପ୍ତାହିକ ହାଟକୁ ସରପଞ୍ଚ ଉଦ୍‌ଘାଟନ କରୁଛନ୍ତି।

**ରାଇକିଆ,୯।୧(ଡ଼ି.ଏନ.ଏ)**

ରାଇକିଆ ବ୍ଲକ ବେରେଡ଼ାକିଆ ପଞ୍ଚାୟତର ସାପ୍ତାହିକ ହାଟ ଆର୍‌ଏମସି ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବେରେଡ଼ାକିଆ ସରପଞ୍ଚ ରଶ୍ମିତା ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବରୁ ପ୍ରତି ସୋମବାର ବେରେଡ଼ରାକିଆସ୍ଥିତ ଆର୍‌ଏମ୍‌ସି ପରିସରରେ ରାଇକିଆ ସାପ୍ତାହିକ ହାଟ ଚାଲିଆସୁଥିଲା। ଗତ ନଭେମ୍ବର ମାସରେ ଉକ୍ତ ହାଟକୁ ରାଇକିଆ ବୃନପଲ୍ଲୀ ଅଏଲ ମିଲ ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିଲା। ଏହା ପରଠାରୁ ବେରେଡ଼ାକିଆ ପଞ୍ଚାୟତବାସୀ ବେରେଡ଼ାକିଆରେ ଏକ ସାପ୍ତାହିକ ହାଟ ପାଇଁ ଦାବି କରି ଆସୁଥିଲେ। ଏପରିକି ହାଟ ସ୍ଥାନାନ୍ତର ନେଇ ୨ ପଞ୍ଚାୟତ ମଧ୍ୟରେ ଗତ ମାସରେ ୩ ସପ୍ତାହ ଧରି ବିବାଦ ଲାଗି ରହିଥିଲା। ତେବେ ବାଲିଗୁଡ଼ା ଉପ ଜିଲାପାଳଙ୍କ ଅନୁମୋଦନକ୍ରମେ ପ୍ରତ୍ୟେକ ଗୁରୁବାର ଆର୍‌ଏମ୍‌ସି ପରିସରରେ ହାଟ ଚାଲୁ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ୱାର୍ଡ଼ ମେମ୍ବର ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ହାଟରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ୮୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ନିଜ ଦୋକାନ ଖୋଲିଥିଲେ।

# ଚାପମୁକ୍ତ ପରୀକ୍ଷା ପାଇଁ ସଚେତନତା କର୍ମଶାଳା



ଖବରଦାତା ସମ୍ମିଳନୀରେ ଶିଶୁ ସୁରକ୍ଷା ଅଧିକାର ଆୟୋଗଙ୍କ ସହ ଅନ୍ୟମାନେ।

**ଫୁଲବାଣୀ ଅଫିସ, ୯।୧**

ପରୀକ୍ଷା ବେଳେ ଭୟ, ଅବସାଦ ଯୋଗୁ ପିଲାମାନେ ଚାପଗ୍ରସ୍ତ ହୋଇଥାନ୍ତି। ଏପରକି କେତେଜଣ ଆତ୍ମହତ୍ୟାର ପଥ ବାଛି ନିଅନ୍ତି। ଏହାକୁ ଦୃଷ୍ଟିରେ ରଖି ଜାତୀୟ ଶିଶୁ ସୁରକ୍ଷା ଅଧିକାର ଆୟୋଗଙ୍କ ପକ୍ଷରୁ ପଦେକ୍ଷପ ନିଆଯାଉଛି। ଚାପମୁକ୍ତ ହୋଇ ଛାତ୍ରୀଛାତ୍ରମାନେ କିପରି ପରୀକ୍ଷା ଦେବେ, ସେ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପଦେଶ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କ ନିକଟରେ ଏହା ପହଞ୍ଚାଇବା ଉଦ୍ଦେଶ୍ୟରେ ଆୟୋଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ 'ପରୀକ୍ଷା ପର୍ବ' କରାଯାଉଛି। ରାଜ୍ୟର କନ୍ଧମାଳ ସମେତ ୧୦ ଆକାଂକ୍ଷା ଜିଲାରେ ଏହି କାର୍ଯ୍ୟକ୍ରମ କରାଯିବ। ଭୁବନେଶ୍ୱରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶିଶୁ ସୁରକ୍ଷା ଅଧିକାର ଆୟୋଗ ସନ୍ଧ୍ୟାବତୀ ପ୍ରଧାନ ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିସହ ରାଜ୍ୟ ସରକାର ୨୦୧୫ ସୁଦ୍ଧା ରାଜ୍ୟକୁ ଶିଶୁ ଶ୍ରମିକମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ଲୋକଙ୍କ ମଧ୍ୟରେ ଶିଶୁ ଶ୍ରମ ନିଷେଧ ଓ ନିୟନ୍ତ୍ରଣ ଆଇନ ବିଷୟରେ ସଚେତନତା ସୃଷ୍ଟି କରିବାକୁ ଆୟୋଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ମଧ ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଆୟୋଗ ସଦସ୍ୟ ହରିହର ବେହେରା, ମନ୍ଦାକିନୀ କର, ଫୁଲବାଣୀ ଉପ ଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନ, ଜିଲା ଶିଶୁ ସୁରକ୍ଷା କମିଟି ଅଧକ୍ଷ ଅଶୋକ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପଞ୍ଚାୟତ ଭବନ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ପ୍ରଶିକ୍ଷଣ ଓ ସଚେତନତା କର୍ମଶାଳା ହୋଇଥିଲା।

## ସାଧାରଣତନ୍ତ୍ର ଦିବସ ନିମନ୍ତେ ପ୍ରସ୍ତୁତି ବୈଠକ

**ଜି.ଉଦୟଗିରି,୯।୧(ଡି.ଏନ.ଏ.)**

ଜି.ଉଦୟଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବୁଧବାର ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତଥା ଭାରପ୍ରାପ୍ତ ଅତିରିକ୍ତ ଉପଜିଲାପାଳ ଶାନ୍ତନୁ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସହରର ବୁଦ୍ଧିଜୀବୀ, ବିଭିନ୍ନ ସରକାରୀ ଅଧିକାରୀ ଓ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ବର୍ଷ ପରି ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବା ସହ ପରେଡ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଅଂଶଗ୍ରହଣ କରିବା, ଡ଼ାକ୍ତରଖାନାରେ ଫଳ ବଣ୍ଟନ ଓ ଜେଲରେ ଥିବା ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଦର୍ଶନ ବେହେରା ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଳାରେ ଜଳିଗଲା ୬ ଭରଣ ଧାନ

**ପାତ୍ରପୁର,୯।୧(ଡ଼ି.ଏନ.ଏ.)**

ପାତ୍ରପୁର ବ୍ଲକ ନୂଆପେଣ୍ଠ ଗ୍ରାମର ଏକ ଧାନଖଳାରେ ଗୁରୁବାର ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ପି. ଶ୍ରୀନିବାସ ଦୋରାଙ୍କ ୬ ଭରଣ ଅମଳ ଧାନ ପୋଡିଯାଇଛି । ଶ୍ରୀନିବାସ ସକାଳୁ ମେଶିନ ସାହାଯ୍ୟରେ ଧାନ ଅମଳ କରି ଖଳାରେ ରଖିଥିଲେ। ତାହାକୁ ମଣ୍ଡିକୁ ନେବାପାଇଁ ଗାଁରୁ ଭଡ଼ାରେ ଟ୍ରାକ୍ଟର ଆଣି ଖଳାକୁ ଆସିବାରେ ଧାନବସ୍ତା ସବୁ ଜଳୁଥିବା ଦେଖି ଆଖପାଖ ଲୋକଙ୍କୁ ଡାକିଥିଲେ । ଖବରପାଇ ପାତ୍ରପୁର ଦମକଳ ବାହିନୀ ପହଞ୍ଚି ଗାଁ ଲୋକଙ୍କ ସହ ମିଶି ନିଆଁକୁ ଆୟତ୍ତ କରିଥିଲେ । ହେଲେ ସେତେବେଳକୁ ଧାନବସ୍ତା ସବୁ ପୋଡି ଯାଇଥିଲା। ଶ୍ରୀନିବାସଙ୍କୁ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ନିଯୁକ୍ତି ମେଳାରେ ଯୋଗଦେଲେ ୭୧ କମ୍ପାନୀ

# ୪,୮୭୨ ଜଣଙ୍କୁ ସିଧାସଳଖ ନିଯୁକ୍ତି



ମେଳାରେ ଯୋଗଦେଇଥିବା ଯୁବତୀଯୁବକମାନେ।

**ଫୁଲବାଣୀ ଅଫିସ, ୯।୧**

ଫୁଲବାଣୀ କରୋନେଶନ୍ ପଡ଼ିଆରେ ଗୁରୁବାର ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୧ଟି ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। କେବଳ ଜିଲା ନୁହେଁ, କନ୍ଧମାଳ ସଂସଦୀୟ କ୍ଷେତ୍ରର ଯୁବତୀ ଯୁବକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ପାଇଁ ଏମ୍‌ପି ପ୍ରତ୍ୟକ୍ଷ ଭାବେ ଏହି କାର୍ଯ୍ୟକ୍ରମରେ ଜଡିତ ହୋଇଛନ୍ତି। ମେଳାରେ ମୋଟ ୯,୧୨୮ ଜଣ ଚାକିରି ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪,୮୭୨ ଜଣଙ୍କୁ ସିଧାସଳଖ ନିଯୁକ୍ତି ଦିଆଯାଇଥିବା ବେଳେ ୨୨୯ ଜଣ ନିଯୁକ୍ତିପତ୍ର ନେଇଛନ୍ତି।

ପୂର୍ବାହ୍ନରେ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଯୁକ୍ତି ମେଳାକୁ ଉଦ୍‌ଘାଟନ କରିଥିଲେ। ଏମ୍‌ପି ଡ. ଅଚ୍ୟୁତ ସାମନ୍ତ, ଜିଲାପାଳ ଡ. ବୃନ୍ଦା ଡି. ପ୍ରମୁଖ ଉପସ୍ଥିତ ରହି ମେଳାରେ ଭାଗ ନେଇଥିବା ଯୁବତୀଯୁବକମାନଙ୍କୁ ଏପରି ନିଯୁକ୍ତି ସୁଯୋଗ ହାତଛଡା ନ କରିବା ପାଇଁ କହିଥିଲେ। ଅଭିଜ୍ଞତା ହାସଲ କଲେ ଯାଇ ସେହି ସଂସ୍ଥାନ ନଚେତ ଅନ୍ୟ ସଂସ୍ଥାନରେ ଅଧିକ ଦରମା ପାଇଁ ନିଯୁକ୍ତି ମିଳିପାରିବ ବୋଲି ଏମ୍‌ପି କହିଥିଲେ। ତେଣୁ ଅଧାରୁ ଚାକିରି ନ ଛାଡ଼ିବାକୁ ପ୍ରାର୍ଥିନୀ ଓ ପ୍ରାର୍ଥୀମାନଙ୍କୁ ସେ ଅନୁରୋଧ କରିଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଯୁବତୀ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ବାଙ୍ଗାଲୋରସ୍ଥିତ ଉଡୁପି ହୋଟେଲ୍‌ରେ ହସ୍ପିଟାଲିଟି ଭାବରେ ମାସିକ ୧୩,୨୦୦ ଟଙ୍କା ଦରମାରେ ନିଯୁକ୍ତି ପାଇଥିବା ଫୁଲବାଣୀସ୍ଥିତ କ୍ୱେସ୍ ଅନୁଷ୍ଠାନର ୨୩ ଛାତ୍ରଛାତ୍ରୀଙ୍କୁ ଏମ୍‌ପି ନିଯୁକ୍ତିପତ୍ର ଦେଇଥିଲେ। ସେହିପରି ତାମିଲନାଡୁର ତିରିପୁରସ୍ଥିତ ଏସ୍.ସି.ଏମ୍. କର୍ପୋରେଶନ୍‌ରେ ମାସିକ ୧୨, ୫୦୦ ଟଙ୍କାରେ ନିଯୁକ୍ତି ପାଇଥିବା ଫୁଲବାଣୀସ୍ଥିତ ଗ୍ରାମ ତରଙ୍ଗ ତାଲିମ କେନ୍ଦ୍ରର ୨୬ ଛାତ୍ରଛାତ୍ରୀଙ୍କୁ ଜିଲାପାଳ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

# ଫୁଲବାଣୀ ଭବାନୀ କ୍ଲବ ଚାମ୍ପିୟନ

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଖଜୁରିପଡା,୯।୧**

ଖଜୁରିପଡା ବ୍ଲକ ଆର.ନୂଆଗାଁ ପଞ୍ଚାୟତ ଗରାକୁମ୍ପାରେ (ଇନସା) କ୍ଲବ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ସେମି ଫାଇନାଲ ଫୁଲବାଣୀ ଭବାନୀ କ୍ଲବ ଓ ଆର.ନୂଆଗାଁ କ୍ଲବ ସହିତ ହୋଇଥିବା ବେଳେ ଭବାନୀ କ୍ଲବ ବିଜୟୀ ହୋଇଥିଲା। ସେହିଭଳି ଦ୍ୱିତୀୟ ସେମି ଫାଇନାଲ ଫୁଲବାଣୀ ଜେଡି କ୍ଲବ ଓ ଗୁଟିଙ୍ଗିଆ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଗୁଟିଙ୍ଗିଆ କ୍ଲବ ବିଜୟୀ ହୋଇଥିଲା। ଫାଇନାଲ ଖେଳ ଭବାନୀ କ୍ଲବ ଓ ଗୁଟିଙ୍ଗିଆ କ୍ଲବ ସହିତ ହୋଇଥିଲା। ଏଥିରେ ଭବାନୀ କ୍ଲବ ୪ ଗୋଲ କରି ଚାମ୍ପିୟନ ହୋଇଥିଲା। ରେଫରି ଓ ଲାଇନ୍ସମ୍ୟାନ ଭାବେ ସରୋଜ ମୁନି, ସୁନିଲ ବେହେର, ସୁଜିତ ରାଜହଂସ, ପ୍ରତାପ ପ୍ରଧାନ ପରିଚାଳନା କରିଥିଲେ। କଳାକାର ଜଳନ୍ଧର ବେହେରାମୁଖ୍ୟ ଅତିଥି, ଖଜୁରିପଡା ବ୍ଲକ ଅଧକ୍ଷ ବୀରେନ୍ଦ୍ର କୁମାର କହଁର, ଆର.ନୂଆଗାଁ ସରପଞ୍ଚ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

# ମନ ମୋହିଲା ଘୁମୁରା, ଛଉ, ଗୋଟିପୁଅ ନୃତ୍ୟ

## ଶୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା



ମଞ୍ଚାସିନ ଅତିଥି।

**ଦାରିଙ୍ଗବାଡ଼ି,୯।୧(ଡି.ଏନ.ଏ.)**

ଦାରିଙ୍ଗବାଡିରେ ଅନୁଷ୍ଠିତ ଶୀତ ଉତ୍ସବର ଦ୍ୱିତୀୟ ଅର୍ଥାତ ଗୁରୁବାର ସନ୍ଧ୍ୟାର କାର୍ଯ୍ୟକ୍ରମକୁ କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଅତିଥିଙ୍କ ମଧ୍ୟରେ ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସମେତ କନ୍ଧମାଳ ଜିଲା ପରିଷଦ ଅଧକ୍ଷା ଆକାଂକ୍ଷା ପ୍ରଧାନ, ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ମୁଖ୍ୟବକ୍ତା ଭାବେ ବରିଷ୍ଠ କବି ତଥା ପ୍ରାବନ୍ଧିକ ଅଶ୍ୱୀନ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ସୁବେନ୍ତୀ ପ୍ରଧାନ, ସମିତିସଭ୍ୟ ରାଜେନ୍ଦ୍ର ସାହୁ, ରୋଦନ ମଲ୍ଲିକ, ବହୁମୁଖୀ ସମବାୟ ସମିତିର ସଭାପତି ଧର୍ମେନ୍ଦ୍ର ପ୍ରଧାନ,ଅରୁଣ କୁମାର ପ୍ରଧାନ। ଶୀତ ଉତ୍ସବ ପାଳନ କମିଟିର ସହସମ୍ପାଦକ ବିଦେଶୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବନାନୀ ସାରସ୍ୱତ ପରିଷଦର ସଭାପତି ପତିତପାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଶୀତ ଉତ୍ସବ ପଡ଼ିଆରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡ଼ିକ ଷ୍ଟଲ ଖୋଲିଛନ୍ତି। ସେଠାରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି। କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ହୋଟେଲ ସଂଘ ସମେତ ପରିଷଦ, ପର୍ଯ୍ୟଟନ, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ, ରାଜ୍ୟ ସରକାର (ଓଡ଼ିଶା) ପକ୍ଷରୁ ସହାୟତା କରାଯାଇଛି। ଏଥିସହ ବିଭିନ୍ନ ସଙ୍ଗଠନ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଶୁକ୍ରବାର ଏହା ଉଦ୍‌ଯାପିତ ହେବ ବୋଲି ଶୀତ ଉତ୍ସବ ପାଳନ କମିଟି ସଭାପତି ତଥା ବିଧାୟକ ପ୍ରଧାନ କହିଛନ୍ତି।। ସନ୍ଧ୍ୟାରେ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଫୁଲବାଣୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନିର୍ଦ୍ଦେଶକ ସନ୍ତୋଷ କୁମାର ପାତ୍ରଙ୍କ ନିର୍ଦ୍ଦେଶନାରେ ପଞ୍ଜାବୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ଭବାନୀପାଟଣାରୁ ଆସିଥିବା ଘୁମୁରା, ପୁରୀ ଜିଲାରୁ ଆସିଥିବା ଗୋଟିପୁଅ ନାଚ ଦର୍ଶକଙ୍କ ମନ ମୋହିଥିଲା। ସ୍ଥାନୀୟ ଶିଶୁ କଳାକାରମାନେ ମଧ ନୃତ୍ୟ ପରିବେଷଣ କରିଥିଲେ।

# ଅବ୍ୟବସ୍ଥା ଘେରରେ ଦୂତୀପଡ଼ା ଯାତ୍ରୀ ବିଶ୍ରାମାଗାର

**ଖଜୁରିପଡ଼ା,(ଡି.ଏନ୍.ଏ.)/ ବଲସକୁମ୍ପା,୯।୧**

ଖଜୁରିପଡ଼ା ବ୍ଲକ ଦୂତୀପଡ଼ା ପଞ୍ଚାୟତ ଦୂତୀପଡ଼ା ଯାତ୍ରୀ ବିଶ୍ରାମାଗାରର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଶ୍ରାମାଗାରଟି ଜାତୀୟ ରାଜପଥ ୫୭ନଂ. ପାର୍ଶ୍ୱରେ ଥିବା ଯୋଗୁ ଖରା, ବର୍ଷା, ଶୀତରେ ଯାତ୍ରୀମାନେ ଏହା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ବିଶ୍ରାମାଗାରର ଛପର ଉଡ଼ିଯାଇ ଥିବା ବେଳେ ଘରର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଏଥିସହ ବିଶ୍ରାମାଗାର ତଳେ ଅଳିଆ, ଆବର୍ଜନା ଭର୍ତ୍ତି ହୋଇ ରହିଛି। ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଶ୍ରାମାଗାରକୁ ଯାତ୍ରୀ ବର୍ଷାଦିନେ ବ୍ୟବହାର କରୁଛନ୍ତି। ହେଲେ ଏଥିପ୍ରତି କାହାର ନଜର ପଡୁନାହିଁ। ଏ ନେଇ ଅଞ୍ଚଳବାସୀ ଗ୍ରାମପଞ୍ଚାୟତରେ ପଲ୍ଲିସଭାରେ ରିଜଲ୍ୟୁଶନ କରି ସରକାରଙ୍କୁ ବାରମ୍ବାର ଜଣାଇଲେ ମଧ ବିଶ୍ରାମାଗାରଟି ନିର୍ମାଣ ହୋଇପାରୁନାହିଁ ବୋଲି କହିଛନ୍ତି। ତେଣୁ ବିଶ୍ରାମାଗାର ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି।

ଏ ସମ୍ପର୍କରେ ଦୂତୀପଡ଼ା ସରପଞ୍ଚ ଭାନୁପ୍ରିୟା ଜାନିଙ୍କୁ ପଚାରିବାରୁ ବିଶ୍ରାମାଗାର ନିର୍ମାଣ ପାଇଁ ସରକାରଙ୍କୁ ଜଣାଇଛୁ। କାମ ଆସିଲେ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି। ଖଜୁରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ରନାଥ କହଁର କହିଛନ୍ତି, ବିଶ୍ରାମାଗାର ଯଥାଶୀଘ୍ର କରାଯିବ। ଅନ୍ୟପକ୍ଷେ ବିଶ୍ରାମାଗାର ଗୃହ ନିର୍ମାଣ କରିବା ପାଇଁ ପୂର୍ବତନ ସମିତିସଭ୍ୟ ଶୁକଦେବ ସେଠୀ, ଟୁକୁ ସାହୁ, ସଞ୍ଜୟ କହଁର, ଶ୍ରବଣ ଦଣ୍ଡିଆ ପ୍ରମୁଖ ଦାବିକରିଛନ୍ତି।



ଭାଙ୍ଗିରୁଜି ଯାଇଥିବା ଦୂତୀପଡ଼ା ଯାତ୍ରୀ ବିଶ୍ରାମାଗାର।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଭଲିବଲ ଟୁର୍ନାମେଣ୍ଟ ଫାଇନାଲରେ ସେଣ୍ଟ ପିଟର

ଛତ୍ରପୁର,୯।୧(ଡି.ଏନ.ଏ)- ଛତ୍ରପୁର ଷ୍ଟାଡିୟମରେ ସନ୍ ରାଇଜ୍ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ଭଲିବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁରର ପାୱାର ସିକ୍ସ ଟିମ୍‌କୁ ୩-୧ ସେଟ୍‌ରେ ପରାସ୍ତ କରି ସେଣ୍ଟ ପିଟର, ମୋହନା ଟିମ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଗୋଳାବନ୍ଧ ଓ ଗୁମ୍ମା ଟିମ୍ ମଧ୍ୟରେ ହେବ । ଆସନ୍ତା ୧୨ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ରେଫରି ଗୋପୀନାଥ ନାୟକ, ରାଜେଶ, ରବି ଦାସ, ରାମେୟା ରେଡ୍ଡୀ ମ୍ୟାଚ୍ ପରିଚାଳନା କରିଥିଲେ । ଜିଲା କ୍ରୀଡା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଅତିଥି ଭାବେ ଯୋଗଦେଇଥିଲେ । କମିଟିର ରଜନୀକାନ୍ତ ପଟ୍ଟନାୟକ, ସମୀର ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପାତ୍ର, ଗୋବିନ୍ଦ ନାୟକ, ପ୍ରକାଶ ସେଠୀ ପରିଚାଳନାରେ ସହଯୋଗ କରିଥିଲେ ।

### ଗୌତମ ସ୍ମାରକୀ ଟୁର୍ନାମେଣ୍ଟ: ମୁଣ୍ଡମରାଇ ବିଜୟୀ

ହିଞ୍ଜିଳିକାଟୁ,୯।୧(ଡ଼ି.ଏନ୍.ଏ.)- ହିଞ୍ଜିଳିକାଟୁ କଲେଜ ଷ୍ଟାଡ଼ିୟମ ପରିସରରେ ଗୁରୁବାର ଗୌତମ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୮ମ ମ୍ୟାଚ ଖେଳା ଯାଇଛି। ମୁଣ୍ଡମରାଇର ଗାଲାକ୍ସି ଇଲେଭେନ କ୍ରିକେଟ କ୍ଲବ ଓ ଆସିକାର ପାନାସୋନିକ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆସିକା ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୬ ରନ୍ କରିଥିଲା। ଜବାବରେ ମୁଣ୍ଡମରାଇ ୧୩.୩ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା। ମୁଣ୍ଡମରାଇ ଦଳର ଆଲୋକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା।

■ ୧୫ ସୁଦ୍ଧା ପାଇଖାନା ନିର୍ମାଣ ବକେୟା ପ୍ରଦାନ ନିର୍ଦ୍ଦେଶ

# ଘରକୁ ଯାଇ କାର୍ଯ୍ୟାଦେଶ ଦେଲେ ବିଡିଓ

ଛତ୍ରପୁର,୯।୧(ଡି.ଏନ.ଏ)

ଗଞ୍ଜାମ ଜିଲା ବାହ୍ୟ ମଳମୁକ୍ତ ଘୋଷଣା ହୋଇଥିଲେ ମଧ୍ୟ ଏବେ ଲୋକେ ଖୋଲାରେ ଶୌଚ ହେଉଛନ୍ତି। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପାଇଖାନା ନିର୍ମାଣ ପାଇଁ ନୂତନ ଭାବେ ପଞ୍ଜୀକୃତ ୧୯,୪୭୪ ହିତାଧିକାରୀଙ୍କୁ ବୁଧବାରଠାରୁ ସମସ୍ତ ବ୍ଲକରେ କାର୍ଯ୍ୟାଦେଶ ପ୍ରଦାନ ଆରମ୍ଭ ହୋଇଛି। ସ୍ପେଶାଲ ଡ୍ରାଇଭରେ ଗୁରୁବାର ସୁଦ୍ଧା ସମସ୍ତ ପଞ୍ଜୀକୃତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ପାଇଁ ବିଡିଓମାନଙ୍କୁ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୩୧ ସୁଦ୍ଧା କିଭଳି ସମସ୍ତ ପାଇଖାନା ନିର୍ମାଣ କାର୍ଯ୍ୟ ସାରିବ ତାହା ଉପରେ ଧ୍ୟାନ ଦେବାକୁ ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ ବିଡିଓମାନେ ହିତାଧିକାରୀଙ୍କ ଘରକୁ ଯାଇ ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ଦେଉଛନ୍ତି। ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ ବ୍ଲକର ବିଭିନ୍ନ ଗାଁକୁ ଯାଇ ହିତାଧିକାରୀଙ୍କୁ ଉକ୍ତ କାର୍ଯ୍ୟାଦେଶ ବଣ୍ଟନ କରିଥିବା ଦେଖିବାକୁ ମିଳିଛି ।



ଛତ୍ରପୁର ବିଡିଓ ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେଉଛନ୍ତି।

ଅନ୍ୟପକ୍ଷରେ ଜିଲାର କେତେକ ଗ୍ରାମାଞ୍ଚଳରେ ପୂର୍ବରୁ ନିର୍ମାଣ ହୋଇଥିବା ୨୮,୬୪୨ ପାଇଖାନା ବାବଦ ଅର୍ଥ ହିତାଧିକାରୀମାନଙ୍କୁ ମିଳି ନ ଥିବାରୁ ସମ୍ପୃକ୍ତ ବ୍ଲକର ଗ୍ରାମ୍ୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀମାନଙ୍କୁ ପିଡି କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଆସନ୍ତା ୧୫ ତାରିଖ ସୁଦ୍ଧା ହିତାଧିକାରୀଙ୍କ ଆକାଉଣ୍ଟକୁ ସେମାନଙ୍କ ବକେୟା ଟଙ୍କା ଟ୍ରାନ୍ସଫର କରିବାକୁ ପିଡି ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଛି । ଆହୁରି ଜଣାଯାଇଛି, ଜିଲାର ୨୦,୧୫୩ ଜଣ ଏଲ୍ଓବି ହିତାଧିକାରୀଙ୍କ ଘରେ ପାଇଖାନା ନିର୍ମାଣ କାର୍ଯ୍ୟ ଫେବୃୟାରୀ ୧୫ ସୁଦ୍ଧା ସାରି ଟଙ୍କା ଦେବାକୁ ମଧ୍ୟ ନିର୍ଦ୍ଦେଶ ରହିଛି ।

## ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତାରେ ଦମ୍ପତିଙ୍କ ଠାରୁ ଲୁଟ

# ଝାମ୍ପିନେଲେ ଭ୍ୟାନିଟି, ବାଇକ୍‌ରୁ ଖସି ମହିଳା ଗୁରୁତର

ଦିଗପହଣ୍ଡି,୯।୧(ଡି.ଏନ୍.ଏ.)

ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତା ଅନଙ୍ଗପୁର ଗାଁ ନିକଟରେ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବାଇକ୍‌ରେ ଯାଉଥିବା ଜନୈକ ଦମ୍ପତିଙ୍କ ଠାରୁ ଭ୍ୟାନିଟି ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ଭ୍ୟାନିଟିରେ ୩୫ ହଜାର ଟଙ୍କା ଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ବ୍ୟାଙ୍କରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ସେହି ରାସ୍ତା ଦେଇ ଆସୁଥିବା ଦିଗପହଣ୍ଡି ବିଡିଓ ହଳଧର ଶବର ଗୁରୁତର ମହିଳାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶ ଯେ, ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଖମାରିଗାଁ ପଞ୍ଚାୟତ ସେବକ ଟିକରପଡ଼ାର ସୁମିତ୍ରା ଗୌଡ଼ (୪୫) ଗୁରୁବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସ୍ୱାମୀ ସନ୍ତୋଷଙ୍କ ସହ ଯାଇ ଦିଗପହଣ୍ଡି ଆନ୍ଧ୍ର ବ୍ୟାଙ୍କ ଏଟିଏମରୁ ୨୦ ହଜାର ଟଙ୍କା ଉଠାଇଥିଲେ। ଟଙ୍କା ସୁମିତ୍ରା ଭ୍ୟାନିଟିରେ ରଖିଥିଲେ। ପୂର୍ବରୁ ମଧ୍ୟ ସେଥିରେ ୧୫ ହଜାର ଟଙ୍କା ଥିଲା। ସୁମିତ୍ରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବାଇକ ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଇଥିଲେ। ଦୁର୍ବୃତ୍ତ ଦ୍ୱୟ ବାଇକରେ ପିଛା କରି ଅନଙ୍ଗପୁର-ଦିଗପହଣ୍ଡି ମୁଖ୍ୟରାସ୍ତାରେ ସୁମିତ୍ରାଙ୍କ ଭ୍ୟାନିଟିକୁ ଝାମ୍ପି ନେଇ ବ୍ରହ୍ମପୁର ମୁଖ୍ୟ ରାସ୍ତାରେ ଚମ୍ପଟ ମାରିଥିଲେ। ଦିଗପହଣ୍ଡି ବିଡିଓ ମହିଳାଙ୍କୁ ଉଦ୍ଧାର କରିବା ସହ ଥାନାକୁ ଜଣାଇଥିଲେ। ଦିଗପହଣ୍ଡି ଥାନା ଅଧିକାରୀ ବସନ୍ତ କୁମାର ସେଠୀ ବ୍ୟାଙ୍କରେ ପହଞ୍ଚି ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଦମ୍ପତିଙ୍କ ବୟାନ ରେକର୍ଡ କରି ତଦନ୍ତ ଚଳାଇଛନ୍ତି।

# ଜଣେ ଗିରଫ, ସୁଧାର ଗୃହ ଗଲେ ୨ ନାବାଳକ

କବିସୂର୍ଯ୍ୟନଗର,୯।୧

କବିସୂର୍ଯ୍ୟନଗର ସହରରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ଏହି ସମୟର ଭିଡିଓ ଉତ୍ତୋଳନ କରି ଭାଇରାଲ ଘଟଣାରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର କାବୁ କରିଥିଲା। ସେଥିମଧ୍ୟରୁ ୨ ଜଣ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଯାଇଛି। ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ ବାଦଲ ସ୍ୱାଇଁ ବୋଲି କବିସୂର୍ଯ୍ୟନଗର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସୂଚନା ଦେଇଛନ୍ତି। ପୋଲିସ ସୂଚନା ପ୍ରକାରେ, ଗତ ୧ ଡିସେମ୍ବର ୨୦୧୯ରେ ନାବାଳିକା (୧୪) ଘର ନିକଟ ମେରୁବନ୍ଧକୁ ଠାକୁରଙ୍କ ବାସିଫୁଲ ଫୋପାଡ଼ିବାକୁ ଯାଇଥିଲେ। ୩ଜଣ

**ଗଣ ବଳାତ୍କାର ଭିଡିଓ ଭାଇରାଲ ଘଟଣା**

ତାଙ୍କୁ କିଛି ଶୁଙ୍ଘାଇ ଅଚେତ କରି ନିକଟସ୍ଥ ଏକ ଅର୍ଦ୍ଧ ନିର୍ମିତ ଘରକୁ ଟେକି ନେଇ ଗଣବଳାତ୍କାର କରିଥିଲେ। ଏହି ସମୟର ଭିଡିଓ ଉତ୍ତୋଳନ କରିଥିଲେ। ପରେ ଏହାକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହା ଜଣା ପଡିବା ପରେ ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ। ନଂ. ୩୧୪/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ପ୍ରକୃତପକ୍ଷେ ଏହି ଘଟଣାରେ ଜଣେ ମହିଳା ଓ କେତେଜଣ ଯୁବତୀ ସମ୍ପୃକ୍ତ ଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ଅଗ୍ନି ବିପନ୍ନଙ୍କୁ ସହାୟତା

ବେଗୁନିଆପଡ଼ା,୯।୧(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ବେଗୁନିଆପଡ଼ା ବ୍ଲକ କେ.ବରିଡ଼ା ପଞ୍ଚାୟତ ବିରିବାଟିଆ ଗ୍ରାମରେ ୪ ଜଣ ଅଗ୍ନି ବିପନ୍ନଙ୍କୁ ଗୁରୁବାର ଭେଟିଛନ୍ତି। ସେମାନଙ୍କ ପରିବାରକୁ ଭେଟି କମ୍ବଳ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟାନ୍ୟ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶଥାଉକି ଏହି ଗ୍ରାମରେ ମଙ୍ଗଳବାର ନିଆଁ ଲାଗି ମହେଶ୍ୱର ପଲାଇ, କାଳିଆ ଭୂୟାଁ, ବୃନ୍ଦାବନ ଭୂୟାଁ, ସତ୍ୟ ନାରାୟଣ ପଲାଇଙ୍କ ଘର ପୋଡ଼ି ଯାଇଥିଲା। ବିଧାୟିକାଙ୍କ ସହ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ପ୍ରତିନିଧି ତ୍ରିନାଥ ଭୂୟାଁ, ସାମାଜସେବୀ ଗୋପବନ୍ଧୁ ସାହୁ ଯାଇ ସମବେଦନା ଜଣାଇଛନ୍ତି।

# ଦୋକାନ କବାଟ ଭାଙ୍ଗି ଲୁଟ

ହିଞ୍ଜିଳିକାଟୁ,୯।୧(ଡ଼ି.ଏନ୍.ଏ.)

ହିଞ୍ଜିଳିକାଟୁ ନିକଟ ଏକ ଘରୋଇ ପେଟ୍ରୋଲ ପମ୍ପ ନିକଟରେ ଥିବା ଚା' ଦୋକାନ ତାଲା ଭାଙ୍ଗି ବୁଧବାର ରାତିରେ ଦୁର୍ବୃତ୍ତ ନଗଦ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ଦୋକାନ ମାଲିକ ମାଗତା ପାଣିଗ୍ରାହୀ ଗୁରୁବାର ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ୨୨ ହଜାର ଟଙ୍କା ଓ ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ସାମଗ୍ରୀ ଲୁଟ ହୋଇଥିବା ସେ କହିଛନ୍ତି। ନଂ.୯/୨୦ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।















1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ